




ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୧ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 October 2025
Vol.No. 36 ■ No.260 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


ପ୍ରକାଶ ପାଇଛି ଶାରଦୀୟ ପୂଜା ସଂଖ୍ୟା
**ସାଗରିକା**


## ଶାରଦୀୟ ଅଭିନନ୍ଦନ



ପବିତ୍ର ଦୁର୍ଗାପୂଜା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଶାରଦୀୟ ପୂଜା ଅବସରରେ ମା' ଜଗତ୍‌ଜନନୀ ସମସ୍ତଙ୍କ ପ୍ରାଣରେ ଭରିଦିଅନ୍ତୁ ସୁଖ, ଶାନ୍ତି ଓ ଆନନ୍ଦର ଫଲ୍‌ଗୁ, ଏତିକି ପ୍ରାର୍ଥନା ।

**ଲୋପାମୁଦ୍ରା ନାୟକ**
ଥାନା ଅଧିକାରୀ, ବାସୁଦେବପୁର
ଭଦ୍ରକ, ଓଡ଼ିଶା

## ଶାରଦୀୟ ଅଭିନନ୍ଦନ



ଦଶହରା ଅବସରରେ ସମସ୍ତଙ୍କ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ଶାରଦୀୟ ଅବକାଶରେ ମା' ଦୁର୍ଗତିନାଶିନୀ ଦୁର୍ଗା ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର କରି ଆନନ୍ଦ ଆଲୋକରେ ଉଦ୍‌ଭାସିତ କରିବାର ଆଶୀର୍ବାଦ ପ୍ରଦାନ କରନ୍ତୁ ।

**ପ୍ରମିଳା ପଣ୍ଡା**
ନଗରପାଳ, ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା

## ଶାରଦୀୟ ଅଭିନନ୍ଦନ





ଶାରଦୀୟ ପୂଜା ଅବସରରେ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ।

ସମସ୍ତଙ୍କ ଜୀବନ ହେଉ ସରସ ସୁନ୍ଦର, ଏତିକି ମା'ଙ୍କ ପାଖରେ ପ୍ରାର୍ଥନା ।

**ସୁଜିତ୍ କୁମାର ଦେବ**
ବରିଷ୍ଠ ବିଜେପି ନେତା, ବାଲେଶ୍ୱର

DADLS- 52





## ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ହରି ବାବୁ କମ୍ଭମ୍‌ପାଟି)

OIPR: 15001/13/1198/2526

DADLS- 52





## ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆସନ୍ତା କାଲି ଗାନ୍ଧୀ ଜୟନ୍ତୀ । ଏହି ଉପଲକ୍ଷେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ତାଙ୍କ ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଜି ବି ଆମ ଜୀବନ ଓ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆସନ୍ତୁ, ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିର୍ଭର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ସମସ୍ତେ ସମର୍ପିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/1198/2526

DADLS- 53





## ପବିତ୍ର ବିଜୟା ଦଶମୀ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାଟି)

OIPR: 15001/13/1202/2526

DADLS- 53





## ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମା' ଦୁର୍ଗା ଆମ ପାଇଁ ଶକ୍ତି ଓ ସୁରକ୍ଷାର ନିଦର୍ଶନ । ଆମ ସମାଜରେ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ହେଉଛି ଶକ୍ତି, ସାହସ ଓ ନୈତିକ ବିଜୟର ପ୍ରତୀକ । ମା' ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ଶୁଭମୟ ହେଉ ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/1202/2526

# ନବଧାଭକ୍ତି ଚେତନାର ନବରାତ୍ରୀ


ଅନ୍ତର୍ଯ୍ୟାମୀ ପଟ୍ଟନାୟକ


ସଂସ୍କୃତି କହିଲେ ମାନବର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଜୀବନର ମାନଦଣ୍ଡ ତଥା ମାର୍ଜିତ ଚିନ୍ତାଧାରାକୁ ବୁଝାଏ । ଏହା ଏକ ସଂସ୍କାର ସମ୍ପନ୍ନ ମାନବ ସମାଜର ଅନ୍ତଃସଲୀଳା ଚୀର ପ୍ରବହମାନ ଜହ୍ନାବୀ ଧାରା । ଏହା ସାମାଜିକ ଜୀବନ ଠାରୁ ଆରମ୍ଭ କରି ସାଂସ୍କୃତିକ ତଥା ଧାର୍ମିକ ଜୀବନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ପ୍ରତିଫଳିତ । ମା'ଦୁର୍ଗାଙ୍କର ନଅଟି ସ୍ୱରୂପ ରହିଛି । ସେମିତି ଭକ୍ତି ମଧ ନ ପ୍ରକାରର ।ଏହାକୁ ନବଧା ଭକ୍ତି କୁହାଯାଏ । ଏହି ନ'ପ୍ରକାର ଭକ୍ତି ମଧ୍ୟରୁ ଭକ୍ତକୁ ଯେଉଁ ମାର୍ଗ ସୁବିଧାଜନକ ମନେହୁଏ ସେ ତାହା ଅନୁସରଣ କରିପାରନ୍ତି । ବେଦ ଓ ଗୀତାରେ ନବଧା ଭକ୍ତିର ଉଲ୍ଲେଖ ରହିଛି । ଆଧାତ୍ମ ରାମାୟଣରେ ନବଧା ଭକ୍ତିର ରୂପ କିଛି ଭିନ୍ନ । ଏହି ପୁରାଣ ଅନୁଯାୟୀ ଭକ୍ତିର ନ'ଟି ମାର୍ଗ ଯଥା ସତ୍‌ସଙ୍ଗ, ଭଗବତ୍ ଆଲୋଚନା, ପୁରାଣ ବ୍ୟାଖ୍ୟା, ଭଗବତ କଥା ବ୍ୟାଖ୍ୟା, ଗୁରୁସେବା, ପବିତ୍ର ସ୍ୱଭାବ, ମନ୍ତ୍ରୋପାସନା, ସଜ୍ଜନ ଶ୍ରଦ୍ଧା, ବୈରାଗ୍ୟ ଏବଂ ତପ । ବିଶ୍ୱାସ କରାଯାଏ ବୈଷ୍ଣବମାନେ ଏହି ମାର୍ଗର ବିକାଶ କରିଥିଲେ । ପରେ ଅନ୍ୟମାନେ ଏହାକୁ ଅନୁକରଣ କରିଥିଲେ । ଗୀତାରେ ବର୍ଣ୍ଣନା କରାଯାଇଥିବା ଭକ୍ତିର ନଅଟି ପଦ୍ଧତି ହେଉଛି - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦ ସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମ ନିବେଦନ ।

ପ୍ରଥମରେ ଶୈଳୀପୁତ୍ରୀ, ଦ୍ୱିତୀୟରେ ବ୍ରହ୍ମଚାରିଣୀ, ତୃତୀୟରେ ଚନ୍ଦ୍ରଘଣ୍ଟା, ଚତୁର୍ଥରେ କୁଷ୍ମାଣ୍ଡା, ପଞ୍ଚମରେ ସ୍କନ୍ଦମାତା, ଷଷ୍ଠରେ କାତ୍ୟାୟିନୀ, ସପ୍ତମରେ କାଳରାତ୍ରୀ, ଅଷ୍ଟମରେ ମହାଗୌରୀ ଓ ନବମରେ ସିଦ୍ଧିଦାତ୍ରୀ ଏହା ନବଦୁର୍ଗା (ନବଶକ୍ତି) ବୋଲି କଥିତ ଅଛି। ଏହି ସମସ୍ତ ନାମ ସର୍ବଜ୍ଞଦେବ ବ୍ରହ୍ମାଙ୍କ ଦ୍ୱାରା ବର୍ଣ୍ଣିତ ହୋଇଅଛି। (ବ୍ରହ୍ମାକୃତ ଦେବୀ କବଚ)। ମା ସିଦ୍ଧିଦାତ୍ରୀ ଭକ୍ତମାନଙ୍କର ସମସ୍ତ କାମନା ପୂରଣ କରି ଅଷ୍ଟସିଦ୍ଧି (ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ଈଷିତ୍ୱ ଓ ବଶିତ୍ୱ) ପ୍ରଦାନ କରନ୍ତି। ଆଉ କେତେ ପୁରାଣରେ ଅଷ୍ଟାଦଶ ସିଦ୍ଧି ବିଷୟରେ କୁହାଯାଏ। ସେଗୁଡ଼ିକ ହେଲା - ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ, ସର୍ବକାମାବସାୟିତା, ସର୍ବଜ୍ଞତ୍ୱ, ଦୂରଶ୍ରବଣ, ପରକାୟ ପ୍ରବେଶନ, ବାକସିଦ୍ଧି, କଳ୍ପବୃକ୍ଷତ୍ୱ, ସୃଷ୍ଟି, ସଂହାରକରଣ ସାମର୍ଥ୍ୟ, ଅମରତ୍ୱ, ସର୍ବନାୟକତ୍ୱ, ଭାବନା, ସିଦ୍ଧି। ଦେବୀ ପୁରାଣ ଅନୁସାରେ ମା'ସିଦ୍ଧିଦାତ୍ରୀଙ୍କ କୃପାରୁ ଭଗବାନ ଶଙ୍କର ଏ ସମସ୍ତ ସିଦ୍ଧି ପ୍ରାପ୍ତ ହୋଇଛନ୍ତି। ସେଥିପାଇଁ ସେ ତାଙ୍କର ଅର୍ଦ୍ଧାଙ୍ଗରେ ସର୍ବଦା ଦେବୀଙ୍କୁ ଧାରଣ କରିଛନ୍ତି। ଏହି କାରଣରୁ ଶିବ ଅର୍ଦ୍ଧନାରୀଶ୍ୱର ନାମରେ ଜଗତରେ ବିଖ୍ୟାତ।

ନବ ଶବ୍ଦର ଅର୍ଥ ହେଉଛି ୯ ସଂଖ୍ୟାବାଚକ । ଦୁର୍ଗାଙ୍କ ନବରୂପର ଅର୍ଚ୍ଚନା କରାଯାଏ । କୃଷି ପ୍ରଧାନ ଦେଶ ଭାରତରେ କୃଷି ଦୃଷ୍ଟିରୁ ଆଶ୍ୱିନ ଓ ଚୈତ୍ର ମାସର ବିଶେଷ ମହତ୍ତ୍ୱ ରହିଛି । ଚୈତ୍ର ମାସରେ ଏବଂ ଆଶ୍ୱିନ ମାସରେ ଧାନ ଫସଲ ହୋଇଥାଏ । ଉଭୟ ଅବସରରେ ୯ ଦିନ ପର୍ଯ୍ୟନ୍ତ ଘରେ ରହିବା ଆବଶ୍ୟକ । ଗୃହକୋଣରେ ଭଗବତୀଙ୍କ ମଣ୍ଡପ ସଜାଯାଏ ।



ରାତିଦିନ ଜଳୁଥିବା ଘିଅ ଏବଂ ତେଲର ପ୍ରଦୀପ, ଧୂପ, କର୍ପୂର ଅଗର ଆଦି ସୁଗନ୍ଧିତ ଦ୍ରବ୍ୟରୁ ଆସୁଥିବା ଧୂମ ଏହି ସନ୍ଧିକାଳ ମାସରେ ଉତ୍ପନ୍ନ ହେଉଥିବା ଜୀବାଣୁର ବିନାଶ କରେ । ଅନ୍ନର ଆଗମନରେ 'ନବରାତ୍ରି' ପାଳନ କରାଯାଏ । ଦଶମ ଦିନ ଯଜ୍ଞ କରି ନବାନ୍ନ ଆହୁତି ଦିଆଯାଏ । ପୌରାଣିକ କଥାବସ୍ତୁ ଅନୁଯାୟୀ ମହାପ୍ରତାପୀ ରାବଣକୁ ଜିତିବା ପାଇଁ ପ୍ରଭୁ ଶ୍ରୀରାମ ନାରଦ ମୁନିଙ୍କ ପରାମର୍ଶରେ ନବରାତ୍ରି ପୂଜା କରିଥିଲେ । ମା' ଦୁର୍ଗାଙ୍କ ନବରାତ୍ରୀ ଉତ୍ସବରେ ମହାମାୟୀ ଏ ନବଦିନ ଭିନ୍ନ ଭିନ୍ନ ସ୍ୱରୂପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି।

ନବରାତ୍ର ଶବ୍ଦରୁ ସ୍ୱତନ୍ତ୍ର ନଅ ରାତିର ଭାବନା ମନକୁ ଆସେ । ଏ ସମୟରେ ଶକ୍ତିକୁ ନ ରୂପରେ ଉପାସନା କରାଯାଏ । ରାତ୍ରି ଶବ୍ଦ ସିଦ୍ଧିର ପ୍ରତୀକ । ଭାରତରେ ପ୍ରାଚୀନ ମୁନିଋଷିମାନେ ପର୍ବ ଓ ଉପାସନାରେ ଦିନ ଅପେକ୍ଷା ରାତିକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ସେଥିପାଇଁ ଦୀପାବଳୀ, ହୋଲିକା ଦହନ, ଶିବରାତ୍ରୀ ଓ ନବରାତ୍ରୀ ପରି ଉତ୍ସବ ରାତିରେ ହିଁ ପାଳିତ ହୁଏ । ରାତିର ବିଶେଷ ମହତ୍ୱ ନଥିଲେ ଏସବୁ ଉତ୍ସବ ଦିନରେ ହିଁ ପାଳିତ ହେଉଥାନ୍ତି । ମନୀଷୀମାନେ ବର୍ଷରେ ଦୁଇଥର ନବରାତ୍ରୀ ପାଳନର ବିଧାନ ରଖିଛନ୍ତି । ନଅଦିନ ପୂଜାରେ ମା'ଦୁର୍ଗାଙ୍କୁ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପେ ପୂଜା କରାଯାଏ । ଏହି ନବରାତ୍ରରେ ଲୋକମାନେ ନିଜ ନିଜର ଆଧାତ୍ମିକ ଓ ମାନସିକ ଶକ୍ତି ସଞ୍ଚୟ କରିବା ପାଇଁ ବିଭିନ୍ନ ପ୍ରକାର ବ୍ରତ, ନିୟମ, ସଂଯମ, ଯଜ୍ଞ, ଭଜନ, ପୂଜନ, ଯୋଗ ସାଧନା ଆଦି କରନ୍ତି । କିଛି ସାଧକ ଏହି ରାତ୍ରିରେ ପଦ୍ମାସନ ବା ସିଦ୍ଧାସନରେ ବସି ବୀଜମନ୍ତ୍ର ଜପ କରନ୍ତି ।

ପ୍ରାକ- ବୈଦିକ ଯୁଗରୁ ଅଦ୍ୟାବଧି ଶକ୍ତି ଉପାସନା ଭାରତୀୟ ଜନମାନସରେ ଏକତ୍ୱବୋଧ ଓ ଆନନ୍ଦ ସୃଷ୍ଟି କରି ଆସିଛି। ସଂପ୍ରତି ଶାରଦୀୟ ଦୁର୍ଗୋତ୍ସବ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ଏକ ଗଣମହୋତ୍ସବର ରୂପ ଧାରଣ କଲାଣି। ସଂକ୍ଷେପରେ ଉଲ୍ଲେଖ କଲେ, ମହଶକ୍ତି ଏକ ମହାଜାଗତିକ ଚେତନା ଭାବରେ ସମଗ୍ର ଭାରତବାସୀଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଛନ୍ତି। ମହାଶକ୍ତି ସର୍ବଭୂତ ରୂପରେ ବିଦ୍ୟମାନା। ସେହିଁ ସୃଷ୍ଟି, ସ୍ଥିତି ଓ ସଂହାର ଶକ୍ତି ରୂପିଣୀ ସନାତନୀ। ସେଥି ନିମିତ୍ତ ଶ୍ରୀ ଶ୍ରୀ ଚଣ୍ଡୀରେ କୁହାଯାଇଛି - 'ସୃଷ୍ଟି ସ୍ଥିତି ବିନାଶାନାଂ ଶକ୍ତି ଭୂତେ ସନାତନି, ଗୁଣାଶ୍ରୟେ ଗୁଣମୟେ ନାରାୟଣି ନମୋସ୍ତୁତେ।'


ଟ୍ରଷ୍ଟି, ଶ୍ରୀସତ୍ୟସାଇ ଟ୍ରଷ୍ଟ, ଓଡ଼ିଶା,
ମୋ: ୭୯୭୮୦୩୭୧୭୮


## ମା' ଆସୁଛନ୍ତି


ସରୋଜ କୁମାର ଦାସ




ମା'ଙ୍କ ଆଗମନରେ
କେମିତି କେଜାଣି ଧୋଇ ହୋଇଯାଏ
ପ୍ରକୃତିର ଆବିଳତା ।
ଶାନ୍ତ-ସ୍ନିଗ୍ଧ ଶରତର ସାଥେ ମା' ଆସନ୍ତି
ବିଭୀଷିକାମୟୀ ବର୍ଷାର ବିଦାୟ ବେଳାରେ
ଗଢିବାକୁ ଖୁସିର ମହଲ
ପ୍ରତି ହୃଦୟରେ ।
ସେ ପରା ମାଆ,
ପୋଛି ଦିଅନ୍ତି ଟୋପା ଟୋପା ଅଶ୍ରୁ
ନୀଳ ଗଗନର ନୀଳ ନୟନରୁ
ଅପସରି ଯାଏ କଳା ବାଦଲର ଛାଇ,
ସ୍ୱଚ୍ଛ ଶୁଭ୍ର ଆକାଶରେ
ଚୁନା ଚୁନା ଧବଳ ତରଙ୍ଗ
ପ୍ରକୃତିର ଅପରୂପ କରିଦିଏ ବାଇ ।
ତଟିନୀର ଦେଶେ
କାଶତଣ୍ଡୀ ଫୁଲବନ ହସେ,
ସୁସଜ୍ଜିତା ମାଆର ପଣତେ
ଶାନ୍ତ ହୁଏ ବିକ୍ଷୁବ୍ଧା ତଟିନୀ
କ୍ରୋଧ ସମ ବନ୍ୟା ବିଭୀଷିକା
ଯେବେ ହୋଇଯାଏ ଶେଷ,
ମା'ଙ୍କ ଆଗମନେ
ଯେତେ ଯେତେ ଅନୁଭବ
ଦୁଃଖ ଯାତନାର
ସବୁକିଛି ହୋଇଯାଏ ବଶ ।
ପର୍ଣ୍ଣେ ପର୍ଣ୍ଣେ ସବୁଜ ବର୍ଣ୍ଣର ବିଭା
କେଦାର ମାଳରେ କଅଁଳ ଧାନ୍ୟର ଶୋଭା,
ମା' ଆସୁଛନ୍ତି ବୋଲି
ମୃଦୁ ମୃଦୁ ପବନରେ ଆନ୍ଦୋଳିତ
କେତେ ଯେ ଲତିକା
ସତେ ଅବା କରିବାକୁ ମାଆଙ୍କ ସ୍ୱାଗତ
ସୁଗନ୍ଧ କୁସୁମ ଧରି କୋମଳ ହସ୍ତରେ
ନାଚି ନାଚି ଗାଉଛନ୍ତି ଗୀତ।
ସରସୀ ସରସ ଜଳେ
ହସିଉଠେ ଧବଳ କୁମୁଦ
ଶରତର ଆଦ୍ୟ ଆଗମନେ
ଖୁସିର ପ୍ଲାବନେ
ଦେଖୁଥାଏ ଆକାଶର ଛବି
ସଫେଦ୍ ବାଦଲର ସାଥେ ଚନ୍ଦ୍ରମାର
ଲୁଚକାଳି ଖେଳ
ଶୁଭ୍ର ଜୋଛନାର ଶୀତଳ ସ୍ପର୍ଶରେ
ଚାହିଁ ଥାଏ ସାରା ରାତି ହୋଇ ଉଜାଗର
ସମର୍ପି ଦେବାକୁ ଥରେ ମା'ଙ୍କ ପୟରେ
ସର୍ବାଙ୍ଗ ତାହାର,
ମାଆ ବିନା କିଏ ଅଛି କୁହ ?
କାହାର ସ୍ପର୍ଶରେ ଆସେ ଆଲୋଡନ
ଲିଭିଯାଏ ଯେତେ ବହ୍ନି ତିକ୍ତ ହୃଦୟର
ମିଳିଥାଏ ସୁଧା ସମ ଶାନ୍ତି ଜୀବନର ।
ତାଙ୍କ ଆଗମନ ପାଇଁ
ଚତୁର୍ଦ୍ଦିଗେ ନବ ପଲ୍ଲବର ସମାହାର
କୃଷ୍ଣ ଧବଳ ଅପରାଜିତାର ବର୍ଣ୍ଣ ବିଭବ
କୁସୁମ ବଲ୍ଲରୀରେ ସୁଗନ୍ଧର ଅନୁଭବ ,
ଧବଳ ଟଗର ହସେ କାନନେ କାନନେ
ଯେମିତି କି ତାରା ଫୁଲ ଫୁଟିଛି ଗଗନେ ।
ମା'ଙ୍କର ଆରାଧନା ପାଇଁ
କମନୀୟ ପୁଷ୍ପର ସମ୍ଭାର
ଆକାଶରେ ଜ୍ୟୋସ୍ନାର ଜୁଆର
ପାଇବାକୁ ତାଙ୍କରି ଆଶିଷ
ଚଳଚଞ୍ଚଳ ସବୁ ଜୀବକୁଳ ।
ସେ ପରା ମାଆ
ସ୍ନେହ ମୟୀ ମମତାମୟୀ
ଶକ୍ତିର ଅବତାର।
ଶାରଦୀୟ ମନ୍ଦ ଅନିଳ
ଆଣିଥାଏ ସ୍ନିଗ୍ଧ ଶୀତଳ ଉପଚାର
ଜଗତ ଜନନୀ ପାଇଁ,
ନା ଥାଏ ରୌଦ୍ରର ଅନଳ,
ବର୍ଷାର ବାରିପାତ,
ହେମନ୍ତର ହିମ
କିବା ଶୀତର ପ୍ରକୋପ,
ଶରତର ସଞ୍ଜ ଆସେ ଶେଫାଳୀର
ଭୁରୁ ଭୁରୁ ବାସ୍ନାରେ
ଶାରଦୀୟ ମିଳନରେ,
ରାତି ହଜିଯାଏ ରଜନୀଗନ୍ଧାର ପ୍ରେମରେ
ମାଳତୀର ସୁଗନ୍ଧରେ
ପାର୍ବଣର ଝଙ୍କାରରେ,
ଉଷା ଲଳନାର କମନୀୟ କୁନ୍ତଳ ରେ
କୁଆଁ ତାରାର କାନ୍ତି
ସତେ ଏକ ନମ୍ର ଅନୁଭବ
ପ୍ରତି ମୁହୂର୍ତ୍ତରେ
ହୃଦୟ ଭିତରେ
' ମା' ଆସୁଛନ୍ତି '
କରିବାକୁ ଦୁଃଖର ବିନାଶ
ଭରିବାକୁ ସୁଖ ଶାନ୍ତିର ବିଶ୍ୱାସ
ସବୁରି ଭିତରେ ।


+ ବାଲିଆପାଳ


# ଓଡ଼ିଶାରେ ମାତୃଶକ୍ତି ଓ ଦୁର୍ଗାପୂଜା ପରମ୍ପରା


ଡାକ୍ତର ଉମେଶ ଚନ୍ଦ୍ର ପାତ୍ର


ଭାରତୀୟ ସଂସ୍କୃତିରେ ସର୍ବ ପ୍ରଥମେ ବୈଦିକ ଦୁର୍ଗାସୂତରେ ସୂକ୍ଷ୍ମଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ । ଏହି ଦୁର୍ଗାସୂତ୍ରର ମନ୍ତ୍ର ପଠନ ଦ୍ୱାରା ସମସ୍ତ ଦୁଃଖ ଦୂରୀଭୂତ ହେବାସହ କୁପ୍ରବୃତ୍ତିର ବିନାଶ ହୋଇଥାଏ । ଉପନିଶଦ ମାନଙ୍କରେ ତୈତ୍ତରୀୟ ଆରଣ୍ୟକର ଯାନ୍ତ୍ରିକ ଉପନିଶଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ମନ୍ତ୍ର ବିଷୟରେ ସୂଚନା ଦିଆଯାଇଛି । ମହଞ୍ଜୋଦାର ଓ ହରପ୍ପାର ପ୍ରତ୍ନତାତ୍ତ୍ୱିକ ଖନନରୁ ମାତୃଶକ୍ତି ଉପାସନା ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ମିଳିଛି । ବହୁ ପ୍ରସ୍ତର ନିର୍ମିତ ନାରୀମୂର୍ତ୍ତି, ଦେବୀ ମୂର୍ତ୍ତି ଓ ଚକ୍ରାକାର ପ୍ରସ୍ତର ସମୂହରୁ ସେ ସମୟରେ ମାତୃଶକ୍ତି ଉପାସନା ସମ୍ପର୍କରେ ବହୁ ତଥ୍ୟର ଆଭାସ ମିଳେ । ସେହି ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ପ୍ରାଚୀନ ଓଡ଼ିଶାର ମୁଖ୍ୟତଃ କଳିଙ୍ଗ, ଉତ୍କଳ ଓ ଉଡ୍ରଦେଶ ପରି ଏହିପରି ତିନିଗୋଟି ଭୂଖଣ୍ଡରେ ବିଭକ୍ତ ଥିଲା । ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରୁ ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ଓଡ଼ିଶାରେ ପ୍ରାଚୀନ ଶବରିତନ୍ତ୍ର ଅନୁଯାୟୀ ମାତୃଶକ୍ତି ଉପାସନା ଆରମ୍ଭ ହୋଇଥିଲା । କିମ୍ବଦନ୍ତୀରୁ ଜଣାଯାଏ ଯେ ଏହି ଉଡ୍ରଦେଶରେ ଏହି ପ୍ରାଚୀନ ଶବରୀତନ୍ତ୍ର ମତରେ ଶବର ରାଜା ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା କରୁଥିଲେ ଓ ଶବରୀ କନ୍ୟା ଲଳିତା ଥିଲେ ତାଙ୍କ ସହାୟିକା । ଶବରୀତନ୍ତ୍ରରେ ଯେଉଁ ପତ୍ରମାଳିନୀ ବନଦେବୀଙ୍କୁ ପ୍ରାଚୀନ ଉତ୍କଳରେ ଉପାସନା କରାଯାଉଥିଲା ପରବର୍ତ୍ତୀ ପୁରାଣ ଓ ତନ୍ତ୍ର ଯୁଗରେ ସେହି ଦେବୀଙ୍କୁ ବନଦୁର୍ଗାରୂପେ ଉପାସନା କରାଯାଇଥିଲା । ଓଡ଼ିଶାର ପୁରପଲ୍ଲୀରେ ବନଦୁର୍ଗାଙ୍କୁ ପ୍ରସ୍ତର ବା କାଷ୍ଠସ୍ତମ୍ଭରେ ଉପଲବ୍ଧି କରାଯାଇ ସ୍ତମ୍ଭେଶ୍ୱରୀ ରୂପେ ଗ୍ରାମଦେବୀ ଉପାସନା ବହୁଳ ଭାବରେ ପ୍ରଚଳିତ ହୋଇଥିଲା । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଯେଉଁ ଦିଅଁ ମଙ୍ଗୁଳା କରାଯାଏ ତାହା ହିଁ ସର୍ବପ୍ରାଚୀନ ଦୁର୍ଗାପୂଜା ବା ଦେବୀପୂଜା ରୂପେ ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଗୃହୀତ ହୋଇଛି ।



ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା। ମା' କେବଳ ପୂଜାର ବେଦୀରେ ଦଶଭୁଜା ପ୍ରତିମା ନୁହଁନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ। ଘରର ମା' ଓ ଜଗତର ମା'ଙ୍କର ଏକ ରୂପ। ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି। ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି। ତେଣୁ ମା'ହେଉଛନ୍ତି ଦଶପ୍ରହର ଧାରିଣୀ। ଶ୍ରୀ ଶ୍ରୀ ଠାକୁର କହିଲେ - ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ କରନ୍ତି ସ୍ୱୀୟ ସନ୍ତାନକୁ ରକ୍ଷା କରିବା ପାଇଁ। ଶ୍ରୀ ଶ୍ରୀ ଠାକୁର କହିଲେ - ମା'ଦୁର୍ଗତି ନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା। ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ ଓ ମହିଷାସୁର ପ୍ରଭୃତି ଅସୁରଦଳକୁ ଦମନ କରିଛନ୍ତି ମା'ଦୁର୍ଗା। ଶ୍ରୀ ଶ୍ରୀ ଠାକୁର ବିଜୟା ଉପଲକ୍ଷେ ପ୍ରଦତ୍ତ ବାଣୀରେ କହିଛନ୍ତି - ଏହି ମା'ମୋର ଐଶ୍ୱର୍ଯ୍ୟଶାଳିନୀ, ଦଶପ୍ରହରଣୀ ଯାହାଙ୍କ ପାଖରେ ଅଚ୍ୟୁତ ଆନତି ହିଁ ମୋର ଦୁର୍ଗ, ସେହି ଆନତି ଭିତର ଦେଇ ଯେତେବେଳେ ମା'ଙ୍କ ଚରଣରେ ମୁଁ ଆନତ ହୁଏ ସ୍ୱତଃସମ୍ବିତ ଓ ସକ୍ରିୟତାରେ ସେତେବେଳେ ମା'ମୋର ଦୁର୍ଗତିନାଶିନୀ ଦୁର୍ଗା। ମା'ସିଂହବାହିନୀ। ମହାପରାକ୍ରମୀ ପଶୁରାଜର ପୃଷ୍ଠରେ ମା'ଙ୍କର ଚରଣ ନ୍ୟସ୍ତ, ତାର ଅର୍ଥ ପଶୁଭାବର ଉପରେ ମାତୃଭାବର ପ୍ରତିଷ୍ଠା।

ଦୁର୍ଗାପୂଜା ଶରତ ଋତୁରେ ପାଳିତ ହୁଏ ବୋଲି ମା'ଦୁର୍ଗାଙ୍କର ଅନ୍ୟ ଏକ ନାମ ଶାରଦା। କିନ୍ତୁ ଶ୍ରୀ ଶ୍ରୀ ଠାକୁର କହିଲେ - ଶାରଦା ବା ଶରତ ଆସିଛି ଶୃ ଧାତୁ ଠାରୁ - ଅର୍ଥ ବଧ ଓ ହିଂସା। ହିଂସାତ୍ମକ ଯାହା କିଛିକୁ ନିହତ କରି ମା'ରକ୍ଷାକୁ ସମୃଦ୍ଧକରି ତୋଳନ୍ତି। ସେ ଅସତ୍ ନିରୋଧି ପ୍ରଚଣ୍ଡା। ମା'ଦୁର୍ଗାଙ୍କ ଧ୍ୟାନମନ୍ତ୍ରରେ ମଧ ଅଛି ତାଙ୍କର ଅଷ୍ଟଶକ୍ତିର କଥା - ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତି ଚଣ୍ଡିକା। ମା'ହେଉଛନ୍ତି ଶିବଙ୍କ ଘରଣୀ - ଶିବାନୀ ଅର୍ଥାତ୍ ମଙ୍ଗଳବିଧାୟିନୀ। ମା'ସବୁ ସନ୍ତାନଙ୍କର ମଙ୍ଗଳ କାମନା କରନ୍ତି। ସମସ୍ତଙ୍କୁ କୋଳରେ ଧରନ୍ତି। ତେଣୁ ତାଙ୍କର ଅନ୍ୟ ନାମ ଜଗଦ୍ଧାତ୍ରୀ। ସେ ବିକ୍ଷୁବ୍ଧତା ଓ ବିଚ୍ଛିନ୍ନତାକୁ ସୁସଂଶ୍ଳିଷ୍ଟ କରିଉଠାନ୍ତି। ତେଣୁ ଦୁର୍ଗାପୂଜା କେବଳ ମାତ୍ର ପୁଷ୍ପବିଲ୍ୱପତ୍ରର ପୂଜା ନୁହେଁ, ଏହା ମାନବତାର ଏକ ବିରାଟ ମିଳନ ଉତ୍ସବ। ଶ୍ରୀ ଶ୍ରୀ ଠାକୁର କହିଲେ - ମା' ଆସିଛନ୍ତି, ପୁତୁଳା ପରି ତାଙ୍କୁ ପୂଜା କଲେ ଆମ୍ଭମାନଙ୍କ ପ୍ରାଣରେ ତାଙ୍କର ପ୍ରତିଷ୍ଠା ହେବନାହିଁ। ସେ ପୂଜା ସମ୍ବର୍ଦ୍ଧନା ଓ ଚାରିତ୍ରିକ ଦ୍ୟୁତି ଆଣିପାରିବ ନାହିଁ। ପୂଜା ସମୟରେ ପ୍ରତିମାରେ ଚକ୍ଷୁଦାନ ଓ ପ୍ରାଣପ୍ରତିଷ୍ଠା କରାହୁଏ। ଶ୍ରୀ ଶ୍ରୀ ଠାକୁର କହିଲେ - ପ୍ରକୃତ ଚକ୍ଷୁଦାନ ହେଉଛି - ମୋର ଚକ୍ଷୁ ତାଙ୍କର ଚକ୍ଷୁରେ ଦାନ କରିବା। ମୋର ଚକ୍ଷୁ ଯେପରି ତାଙ୍କର ଚକ୍ଷୁ ହୋଇଉଠେ। ମା'ବ୍ୟକ୍ତି, ବିଷୟ ଓ ବ୍ୟାପାରକୁ ଯେଭଳି ଭାବରେ ଦେଖିବା ପସନ୍ଦ କରନ୍ତି ଆମ୍ଭେମାନେ ଯେଭଳି ସେହିଭାବରେ ଦେଖିବାରେ ଅଭ୍ୟସ୍ତ ହେବୁ। ଆଉ ପ୍ରାଣ ପ୍ରତିଷ୍ଠା ହେଉଛି ଦେବତାଙ୍କର ଦିବ୍ୟଗୁଣରାଜି ଅନୁଶୀଳନ ଭିତରେ ନିଜ ନିଜ ଚରିତ୍ରରେ ଫୁଟାଇ ଉଠାଇବା। ଗୁରୁପୁରୁଷୋତ୍ତମ ଯେତେବେଳେ ଆର୍ବିଭୂତ ହୁଅନ୍ତି ସେତେବେଳେ ସେ ଦେବତାଙ୍କୁ ଏହି ଭାବରେ ଜୀବନ୍ତ କରି ଉଠାଇବାକୁ ଶିକ୍ଷା ଦିଅନ୍ତି। ଦୁନିଆର ସବୁକିଛି ଓ ସମସ୍ତଙ୍କୁ ନେଇ ମା'ହେଉଛନ୍ତି ମହାମାୟା, ବିଶ୍ୱପ୍ରସବିନୀ ଓ ବିଶ୍ୱ ପରିବ୍ୟାପ୍ତା। ତାଙ୍କର ସ୍ତୁତିରେ ତାଙ୍କୁ କ୍ଷମାରୂପେ, ନିଦ୍ରା ରୂପେ, କ୍ଷୁଧାରୂପେ, ତୃଷ୍ଣାରୂପେ, ଶକ୍ତିରୂପେ, ଲଜ୍ଜାରୂପେ, ଶାନ୍ତିରୂପେ ଓ ଶ୍ରଦ୍ଧାରୂପେ ପୂଜା କରାଯାଏ। ପରମା ପ୍ରକୃତି ସେ। ପ୍ରକୃଷ୍ଟ ଭାବେ ଯାହା କରା ହୋଇଅଛି ତାହା ହିଁ ପ୍ରକୃତି। ସପ୍ତମ ଶତାବ୍ଦୀ ବେଳକୁ ପ୍ରାଚୀନ ଓଡ଼ିଶାରେ ମାତୃଶକ୍ତି ପରମ୍ପରାର ବ୍ୟାପକତା ବୃଦ୍ଧି ପାଇଥିଲା । ପୌରାଣିକ ଦୁର୍ଗାଙ୍କୁ 'ଶ୍ରୀ ଶ୍ରୀ ଚଣ୍ଡୀ' ପୁରାଣରେ ଯେଉଁ ସବୁ ରୂପ, ମୂର୍ତ୍ତିକଳ୍ପନା ଓ ଆୟୁଧ ସହିତ ବର୍ଣ୍ଣନା କରାଯାଇଥିଲା, ଭୌମକର ରାଜବଂଶର କୀର୍ତ୍ତିଗୁଡ଼ିକରେ ତାହାକୁ ସର୍ବ ପ୍ରଥମେ ବିଭିନ୍ନ ମନ୍ଦିର ମଧ୍ୟରେ ଓ ମନ୍ଦିର ବାହାରେ ଜୀବନ୍ତ ଭାବରେ ରୂପାୟିତ କରାଯାଇଥିଲା । ବାସ୍ତବରେ ତୈତରୀୟ ଉପନିଷଦରେ ବର୍ଣ୍ଣିତ 'ଦୁର୍ଗୀ' କିମ୍ବା 'ଶ୍ରୀ ଶ୍ରୀ ଚଣ୍ଡୀ'ରେ ବର୍ଣ୍ଣିତ ଚାମୁଣ୍ଡା, ସପ୍ତମାତୃକା, ନବଦୁର୍ଗା କିମ୍ବା ଶବରୀତନ୍ତ୍ରର 'ବନଦୁର୍ଗା'ଙ୍କୁ ଏହି ସପ୍ତମ/ଅଷ୍ଟମ ଶତାବ୍ଦୀରେ ଓଡ଼ିଶାରେ ବିଭିନ୍ନ ଶକ୍ତିପୀଠ, ସହର, ଗ୍ରାମ ପ୍ରଭୃତିରେ ବହୁଳ ଭାବରେ ପ୍ରତିଷ୍ଠା କରାଯାଇଥିଲା । ଶ୍ରୀ ଶ୍ରୀ ଠାକୁର କହିଲେ - ଭାବ ନାହିଁ, ମା'ଙ୍କୁ ବିଜୟା ଦଶମୀରେ ବିସର୍ଜନ ଦେଇଛ, ବରଂ ଭାବ, ଏହି ଦଶଭୁଜା, ଦଶପ୍ରହରଣ ଧାରିଣୀ, ଅସୁରଦଳନୀ ମା' ତୁମ ଠାରେ ଉତ୍ସୃଜିତ ହୋଇ ଜୀବନ୍ତ ଦୀପ୍ତିରେ ତୁମ ଜୀବନରେ ଜୀବନ୍ତ ହୋଇଉଠିଛନ୍ତି। ବିଜୟା ମା'ଙ୍କର ବିଲୟ ନୁହେଁ, ବିସର୍ଜ୍ଜନମାନେ ହେଉଛି ବିଶେଷ ବିସୃଷ୍ଟି।


+ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


# ମା'ଙ୍କୁ ଅର୍ପଣ କରନ୍ତୁ ମନ୍ଦାର

**'ସର୍ବସ୍ୱରୂପେ ସର୍ବେଶେ ସର୍ବଶକ୍ତିସମନ୍ୱିତେ। ଭୟେଭ୍ୟସ୍ତ୍ରାହି ନୋ ଦେବୀ ଦୁର୍ଗେ ଦେବୀ ନମୋସ୍ତୁତେ।।'**


ଅଜୟ କୁମାର ବେହେରା


'ଓଁ ଧ୍ୟାୟତେ ସୁବର୍ଣ୍ଣ ବର୍ଣ୍ଣାଭାଂ, ତ୍ରିନେତ୍ରାଂ ଚାରୁ ହାସିନୀ। ସର୍ବଲକ୍ଷଣ ସମ୍ପନ୍ନା, ମର୍ଦ୍ଧେନ୍ଦୁକୃତ ଶେଖରମ୍।' ଓଡ଼ିଶାର ପରମ୍ପରାରେ କେଉଁ ଅନାଦିକାଳରୁ ଏହି ଶାକ୍ତ ଚିନ୍ତା ଓ ଚେତନା ଜନଜୀବନକୁ ସିକ୍ତ କରି ରଖିଛି, ତା'ର ସଠିକ ବିବରଣୀ ଖୋଜି ପାଇବା ସହଜସାଧ ନୁହେଁ। ଏହି ଶକ୍ତିର ଅର୍ଥ କ'ଣ ? ଦୁର୍ଗା ସପ୍ତସତୀରେ ଦେବୀ ଦୁର୍ଗାଙ୍କର ସ୍ତୁତି ଛଳରେ କୁହାଯାଇଛି - 'ଯାଦେବୀ ସର୍ବ ଭୂତେଷୁ, ଶକ୍ତି ରୂପେଣ ସଂସ୍ଥିତା, ନମଃ ସ୍ତସ୍ୟୈ ନମଃ ସ୍ତସ୍ୟୈ ନମଃ ସ୍ତସ୍ୟୈ ନମୋ ନମଃ।' ଅର୍ଥାତ୍ ଯେଉଁ ଦେବୀ ସର୍ବଭୂତରେ, ଶକ୍ତି ରୂପରେ ବିଦ୍ୟମାନ ଅଛନ୍ତି, ସେହି ଦେବୀଙ୍କୁ ମୋର ନମସ୍କାର। ତତ୍ତ୍ୱ ପ୍ରକାଶ ଗ୍ରନ୍ଥରେ ଶକ୍ତି ଶବ୍ଦର ଅର୍ଥ କୁହାଯାଇଛି 'ଶକ୍ତିଃ ସାମର୍ଥ୍ୟଂ ଉତ୍ସାହେବା।'



ଅର୍ଥାତ୍ ଶକ୍ତି ହେଉଛି ସାମର୍ଥ୍ୟ ବା ଉତ୍ସାହ। ଶକ୍ତି ଶବ୍ଦର ତାତ୍ପର୍ଯ୍ୟକୁ 'ନାଗୋଜୀ ଭଟ୍ଟ' ଟିକିଏ ବ୍ୟାପକ କରି କହିଛନ୍ତି - 'ଶକ୍ତି କାର୍ଯ୍ୟ ଜନନ ସାମର୍ଥ୍ୟମ୍।' ଯେକୌଣସି ବସ୍ତୁର କାର୍ଯ୍ୟ ଜନନ ବା ଉତ୍ପାଦନ କରିବାର ସାମର୍ଥ୍ୟକୁ ଶକ୍ତି କୁହାଯାଏ। ଏହି ଶକ୍ତି ସର୍ବଭୂତରେ ଅଛି। ଏହା ଜଡ଼ ହୋଇପାରେ ଅଥବା ଚେତନା ହୋଇପାରେ, ସତ୍ ହୋଇପାରେ, ଅସତ୍ ବି ହୋଇପାରେ। ତେଣୁ ଚଣ୍ଡୀ ମାହାତ୍ମ୍ୟରେ କୁହାଯାଇଛି - 'ଯଚ୍ଚ କିଞ୍ଚିତ୍ କ୍ୱଚିତ୍ ବସ୍ତୁ, ସତ୍ ସଦ ବାଙ୍କଖିଳାତ୍ମିକେ, ତସ୍ୟ ସର୍ବସ୍ୟ ଯା ଶକ୍ତିଃ ସାତ୍ୱଂ କିଂ ସ୍ୱୟସେ ନୋ।' ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ। ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ ବାସନ୍ତୀ ପୂଜା କୁହାଯାଏ। ଯେଉଁ ମା'ର ଶସ୍ୟ ଆହାର କରି ମାନବ ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ବୟଃପ୍ରାପ୍ତି ଉତଫୁଲ୍ଲ ହୋଇ ଜନ ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ, ମାତ୍ର ଏକ ସାର୍ବଜନୀନ ପୂଜା ରୂପେ ଶାରଦୀୟ ଦେବୀ ପୂଜା ହିଁ ଅଧିକ ଲୋକପ୍ରିୟତା ଅର୍ଜନ କରିଅଛି। ଏହି ମହାନ ଶାରଦୀୟ ପର୍ବ ଭାରତର ପୁର ପଲ୍ଲୀରେ ଦଶହରା ପର୍ବ ରୂପେ ପାଳନ କରାଯାଏ। ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା। ଦୁର୍ଗାପୂଜା ପରି ଦଶହରା ପର୍ବ ମଧ ବର୍ଷକରେ ଦୁଇଥର ପାଳନ କରାଯାଏ। ଜ୍ୟେଷ୍ଠମାସ ଶୁକ୍ଳଦଶମୀ ହେଉଛି ଗଙ୍ଗାମାତାଙ୍କର ଜନ୍ମ ଦିବସ। ଏହିଦିନ ଗଙ୍ଗାପୂଜା କରି ଗଙ୍ଗାନଦୀରେ ସ୍ନାନ କଲେ ତ୍ରିବିଧ ପାପ ଖଣ୍ଡନ ହୁଏ ବୋଲି ଏହି ତିଥିକୁ 'ଦଶହରା' ବା 'ଦଶବିଧ' ପାପହରଣ ଦିବସ କୁହାଯାଏ। 'ସର୍ବସ୍ୱରୂପେ ସର୍ବେଶେ ସର୍ବଶକ୍ତିସମନ୍ୱିତେ। ଭୟେଭ୍ୟସ୍ତ୍ରାହି ନୋ ଦେବୀ ଦୁର୍ଗେ ଦେବୀ ନମୋସ୍ତୁତେ।।' ହେ ଦେବୀ ! ଆପଣ ସମସ୍ତ ସ୍ୱରୂପ ଧାରଣ କରିପାରନ୍ତି, ଆପଣ ସମସ୍ତଙ୍କର ସ୍ୱାମିନୀ ଏବଂ ସମସ୍ତ ଶକ୍ତିର ସମାହାର। ଆପଣ ଆମ ସମସ୍ତଙ୍କୁ ସମସ୍ତ ଭୟରୁ ରକ୍ଷା କରନ୍ତୁ। ହେ ଦେବୀ ଦୁର୍ଗେ, ଆପଣଙ୍କୁ ନମସ୍କାର। ଦୁର୍ଗାଙ୍କର ସବୁଠୁ ପ୍ରିୟ ପୁଷ୍ପ ଲାଲ ମନ୍ଦାର। ଯଦି ପୂର୍ବ ଦିନଗୁଡ଼ିକରେ କରିନାହାନ୍ତି ତେବେ ନବରାତ୍ରୀର ଶେଷ ତଥା ବିଶେଷ ତିନିଦିନ ମହାସପ୍ତମୀ, ମହାଷ୍ଟମୀ ଏବଂ ମହାନବମୀରେ ନିଶ୍ଚୟ ମା'ଙ୍କ ଠାରେ ଲାଲ ମନ୍ଦାର ଚଢ଼ାନ୍ତୁ। ମା'ଙ୍କୁ ଶ୍ରଦ୍ଧା ପୂର୍ବକ ଲାଲ ମନ୍ଦାର ଅର୍ପଣ କଲେ ମା'ଙ୍କ କୃପା ଅବଶ୍ୟ ପ୍ରାପ୍ତ ହୁଏ। ଏହା ଜୀବନରୁ ସମସ୍ତ ନକରାତ୍ମକତା ଦୂର କରିବାରେ ସହାୟକ ହୋଇଥାଏ। ପ୍ରତିଦିନ ମନ୍ଦାର ଫୁଲ ଅର୍ପଣ କରିବା ସମୟରେ ନିଜର ମନୋକାମନା ମା'ଙ୍କୁ ଜଣାନ୍ତୁ। ପରଦିନ ମଉଳା ଫୁଲକୁ ଏଣେତେଣେ ଫୋପାଡ଼ି ନ ଦେଇ ସାଇତି ରଖନ୍ତୁ। ଦଶହରା ଦିନ ଘଟ ବିସର୍ଜନ ପରେ ମଉଳା ମନ୍ଦାର ଫୁଲକୁ ନଦୀ ସ୍ରୋତରେ ଭସାଇ ଦିଅନ୍ତୁ। ଏପରି କରି ଦେଖନ୍ତୁ ନିଶ୍ଚୟ ମନୋକାମନା ପୂରଣ ହେବ।

ନବରାତ୍ରୀର ଶେଷ ତିନିଦିନ ମଧ୍ୟରେ ଦ୍ୱିପ୍ରହର ସମୟରେ ଏକ ଅଧାଫୁଟା ଲାଲ ମନ୍ଦାର ଫୁଲ ତୋଳି ଆଣନ୍ତୁ। ମା'ଙ୍କର ଅନ୍ୟତମ ଶାକ୍ତିଶାଳୀ ସ୍ୱରୂପ କାଳୀଙ୍କୁ ସ୍ମରଣ କରି ଏହି ଫୁଲ ଅର୍ପଣ କରନ୍ତୁ। ପରିବାରରେ କେହି ଯଦି ଭୟ, ଭ୍ରାନ୍ତି ଇତ୍ୟାଦିଦ୍ୱାରା ପୀଡ଼ିତ ତାଙ୍କୁ ଫୁଲଟିକୁ ଖାଇବାକୁ ଦିଅନ୍ତୁ। ତାଙ୍କ ମଧରୁ ନକାରାତ୍ମକତା ଦୂର ହୋଇ ସକାରତ୍ମକ ଶକ୍ତି ସଂଚାରିତ ହେବ। ତେବେ ଏହା କରିବାକୁ ଅନିଚ୍ଛୁକ ସଦସ୍ୟଙ୍କ ଠାରେ ଜୋରଜବରଦସ୍ତ କରିବେ ନାହିଁ। କାରଣ ଶ୍ରଦ୍ଧା ବିଶ୍ୱାସ ବିନା କୌଣସି ପୂଜା ସିଦ୍ଧ ହୁଏନାହିଁ। ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରନ୍ତି। ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦଯାପନ ପର୍ବ ମଧ ଦଶହରା ତିଥିରେ ପାଳିତ ହୁଏ। ପରମ-ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ।



+'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

ବାଲେଶ୍ୱର ❑ ବୁଧବାର ୦୧ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 October 2025
Vol.No. 36 ■ No.260 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

# ପୁଲିସ ଏସ୍ଆଇ ପରୀକ୍ଷାରେ କେଳେଙ୍କାରୀ: ପରୀକ୍ଷା ସ୍ଥଗିତ ରଖିଲା ନିଯୁକ୍ତି ବୋର୍ଡ

ଭୁବନେଶ୍ୱର, ୩୦/୯ (ନି.ପ୍ର): ଏସ୍ଆଇ ସମେତ ୯୩୩ଟି ବିଭିନ୍ନ ପଦବୀ ଲାଗି ୫ ଓ ୬ ତାରିଖରେ ପରୀକ୍ଷା ହେବାର ଥିଲା । ପରୀକ୍ଷାର୍ଥୀ ଥିଲେ ୧ଲକ୍ଷ ୫୩ ହଜାର ୭୩୬ଜଣ। କିନ୍ତୁ ପରୀକ୍ଷା ପୂର୍ବରୁ ସାମନାକୁ ଆସିଛି ବଡ଼ କେଳେଙ୍କାରୀ। ତାପରେ ବୋର୍ଡ କ୍ରାଇମବ୍ରାଞ୍ଚ ତଦନ୍ତ ଲାଗି କହିଛି । ଇଏ ହେଉଛି ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡର ବିଜ୍ଞପ୍ତି । ଆସନ୍ତା ୫ ଓ ୬ ତାରିଖରେ ପୁଲିସ ଏସ୍ଆଇ ପାଇଁ ୩୫୭ଟି କେନ୍ଦ୍ରରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ବ୍ରହ୍ମପୁରରେ ନିଯୁକ୍ତି ପାଇଁ ବଡ଼ ଜାଲିଆତି ସାମ୍ନାକୁ ଆସିବା ପରେ ହଠାତ୍ ପରୀକ୍ଷାକୁ ବନ୍ଦ କରାଯାଇଛି । ଖବରରୁ ଜଣାପଡ଼ିଛି, ଏସ୍ଆଇ ପରୀକ୍ଷା ପାଇଁ ଦାୟିତ୍ୱ ନେଇଥିବା ସଂସ୍ଥା କିଛି ପରୀକ୍ଷାର୍ଥୀଙ୍କ ସହ ଡିଲ୍ କରିଥିଲା । ଏମାନଙ୍କୁ ହାଇଦ୍ରାବାଦ ନିଆଯାଉଥିବା ବେଳେ ପୁଲିସ ପିଛା କରି ଆନ୍ଧ୍ର ଶ୍ରୀକାକୁଲମ୍‌ରେ ଧରିଛି । ଗୁଇନ୍ଦା ସୂଚନା ଆଧାରରେ ୧୨୦ ଜଣ ପରୀକ୍ଷାର୍ଥୀଙ୍କୁ





ଧରାଯାଇଛି। ଏମାନଙ୍କୁ ବ୍ରହ୍ମପୁର ଅଣାଯାଇ ପଚରାଉଚରା କରାଯାଉଛି। ଅଟକ ପରୀକ୍ଷାର୍ଥୀଙ୍କୁ ବ୍ରହ୍ମପୁର ରିଜର୍ଭ ବାରାକରେ ରଖାଯାଇ ଚାଲିଛି ତଦନ୍ତ। ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱରରୁ ବାହାରିଥିଲା ସ୍ୱତନ୍ତ୍ର ବସ୍ । ବରମୁଣ୍ଡାରୁ ସନ୍ଧ୍ୟା ସାଢ଼େ ୭ଟା ବେଳେ ଛାଡ଼ିଥିଲା। ୩ ବସ୍‌ରେ ଥିଲେ ୧୨୦ ଜଣ ପରୀକ୍ଷାର୍ଥୀ। ସମସ୍ତେ ଏସ୍ଆଇ ପରୀକ୍ଷା ଦେଇଥାନ୍ତେ । ଶ୍ରୀକାକୁଲମ୍ ପାଖରେ ଏକ କୋଠା ନିଆଯାଇଥିଲା। ଗୋଟିଏ ଲେବୁଲ ପାସ୍ କରିବାକୁ ଦେଇଥାନ୍ତେ ୧ ଲକ୍ଷ ଟଙ୍କା । ଗତକାଲି ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡକୁ ଖବର ଆସିବା ପରେ ବ୍ରହ୍ମପୁର ପୁଲିସକୁ ଖବର ଦିଆଯାଇଥିଲା । ବାରମ୍ବାର ପରୀକ୍ଷାରେ ତ୍ରୁଟିକୁ ନେଇ ବର୍ଷିଛନ୍ତି ଛାତ୍ର ନେତା ।

# ଆଜିଠୁ ପୁଣି ବର୍ଷା: ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

ଭୁବନେଶ୍ୱର, ୩୦/୯ (ନି.ପ୍ର): ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସନ୍ଧ୍ୟା ୫ଟା ୩୦ରେ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଉତ୍ତରପଶ୍ଚିମ ଦିଗରେ ଗତିକରିବା ସହ ୨ତାରିଖ ସକାଳ ବେଳକୁ ଆହୁରି ଘନୀଭୂତ ହୋଇ ପଶ୍ଚିମକେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତରପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଆହୁରି ଘନୀଭୂତ ହୋଇ ଏକ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି । ୩ ତାରିଖ



ସକାଳ ସମୟରେ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି। ଚଳିତ ମୌସୁମୀ ପରବର୍ତ୍ତୀ ଋତୁ ଅକ୍ଟୋବରରୁ ଡ଼ିସେମ୍ବର ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ରହିଛି ।

# ନାଲ୍‌କୋରେ ପଶିଲା ସିବିଆଇ





ଭୁବନେଶ୍ୱର, ୩୦/୯ (ନି.ପ୍ର): ବିନା ବିଜ୍ଞପ୍ତିରେ ନାଲକୋରେ ଚାକିରି ଦେଇ ହରଡ଼ଘଣାରେ ବାବୁ। ଘରୋଇ ଅସ୍ଥାୟୀ କର୍ମଚାରୀଙ୍କ ଅଭିଜ୍ଞତା ଦର୍ଶାଇ ୨୦ ଜଣଙ୍କୁ ଚାକିରି କରାଇ ଦେବା ଘଟଣାରେ ଘାଣ୍ଟୁଛି ସିବିଆଇ । ନବରତ୍ନ କମ୍ପାନିର ଖବର ସାମ୍ନାକୁ ଆସିବା ପରେ, ଦୁର୍ନୀତି ଖୋରଙ୍କ ଛାତି ଧଡ଼ଧଡ଼ । ନାଲକୋ ଅଫିସ ଭିତରକୁ ଧସେଇ ପସିଲା ସିବିଆଇର ସ୍ୱତନ୍ତ୍ର ଟିମ୍ । ଭୁବନେଶ୍ୱରର ବଛା ବଛା ସିବିଆଇ ଅଫିସରଙ୍କୁ ନେଇ ତିଆରି ହୋଇଥିଲା ଏହି ୬ ଜଣିଆ ଟିମ୍ । ଆଉ ଆରମ୍ଭ ହୋଇଗଲା ଅତର୍କିତ ରେଡ୍ । କେହି କିଛି ବୁଝିବା ଆଗରୁ ଦୁଇ ଡିଏସ୍‌ପି ଓ ଇନସପେକ୍ଟର ଆରମ୍ଭ କରିଥିଲେ ଅପରେସନ୍ । ବିନା ବିଜ୍ଞପ୍ତିରେ ୨୦ ଜଣଙ୍କୁ ନାଲକୋରେ ନିଯୁକ୍ତି ଦେବା ପ୍ରକ୍ରିୟାକୁ ନେଇ ଆରମ୍ଭ ହୋଇଛି ଖୋଳତାଡ଼ । ତଦନ୍ତ ଅଧିକାରୀଙ୍କ ପ୍ରଶ୍ନ ବାଣରେ ଘାଇଲା ହୋଇଛନ୍ତି ନାଲକୋର ଏକାଧିକ ଅଧିକାରୀ। ଅଢେଇ ଘଣ୍ଟା ଧରି ଘାଣ୍ଟିବା ପରେ, ପଦାକୁ ବାହାରି ଥିଲା ସିବିଆଇ ଟିମ୍ । କେବଳ ୨୦ ଜଣ ଚାକିରିଆ ନା ଆଉ କିଛି ଆଶାୟୀ ବି ଥିଲେ ନାଲକୋ ଚାକିରି କେଳେଙ୍କାରୀରେ, ସେନେଇ ସିବିଆଇ ହାତରେ ଅନେକ ଗୁଡିଏ ତଥ୍ୟ, ପ୍ରମାଣ ଲାଗିଥିବା କୁହାଯାଉଛି । ନାଲକୋ ଅଫିସରୁ ବାହାରିବା ବେଳେ, ସିବିଆଇ ଅଫିସରଙ୍କ ହାତରେ ଥିବା ଏହି ହଳଦିଆ ରଙ୍ଗର ଫାଇଲ ଭିତରେ ସବୁ କିଛି ଲୁଚିଥିବା ଚର୍ଚ୍ଚା ହେଉଛି ।

## ଚେନ୍ନାଇରେ ଥର୍ମାଲ ପାୱାର ଷ୍ଟେସନରେ ବଡ ଦୁର୍ଘଟଣା : ୯ ମୃତ

ନୂଆଦିଲ୍ଲୀ,୩୦/୯ : ଚେନ୍ନାଇରେ ଭୁଷୁଡିଲା କୋଠା । ଥର୍ମାଲ ପାୱାର ଷ୍ଟେସନରେ ବଡ ଦୁର୍ଘଟଣା ହୋଇଛି । ଏଥିରେ ୯ ଜଣ ପ୍ରାଣ ହରାଇଥିବାବେଳେ ୫ ଜଣ ଆହତ ହୋଇଛନ୍ତି । ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ୩୦ ଫୁଟ ତଳକୁ ଖସିଥିଲା ଛାତ । ଏହାପରେ ଭୟରେ ଧାଁଧଉଡ ଆରମ୍ଭ ହୋଇଥିଲା । ଅନେକ ଶ୍ରମିକ କୋଠା ତଳେ ଫସିରହିଯାଇଥିଲେ। ଏମାନଙ୍କ ମଧ୍ୟରୁ ଅନେକଙ୍କୁ ଧ୍ୱଂସାବଶେଷ ତଳୁ କଢାଯାଇଛି ।

# ସବୁ ଗାଁ ହେବ ନିଶାମୁକ୍ତ: ଅକ୍ଟୋବର ୨ରୁ ମୁଖ୍ୟମନ୍ତ୍ରୀଙ୍କ ନୂଆ ଅଭିଯାନ

ଭୁବନେଶ୍ୱର, ୩୦/୯ (ନି.ପ୍ର): ସ୍ଲୋଗାନରେ ଅଟକିବନି ନିଶାମୁକ୍ତ ଓଡ଼ିଶା ଅଭିଯାନ। ନିଶାମୁକ୍ତ ଗାଁ ଗଠନ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ସରକାର। ଗାନ୍ଧୀ ଜୟନ୍ତିରୁ ମାସେ ଧରି ନିଶାମୁକ୍ତ ଅଭିଯାନ ଆରମ୍ଭ କରିବେ ସରକାର। ଅଧିକାଂଶ ବିଭାଗ ଏଥିରେ ସାମିଲ ହୋଇଥିବା ବେଳେ ମଦମୁକ୍ତ ପଞ୍ଚାୟତକୁ ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି ରାଜ୍ୟ ସରକାର। ନିଶାମୁକ୍ତ ଗାଁ ଗଠନ ପାଇଁ ଅଣ୍ଟା ଭିଡ଼ିଛନ୍ତି ସରକାର । ନିଶାକୁ ନା,



ଜୀବନକୁ ହଁ କିଛି ଏଭଳି ସଂକଳ୍ପ ନେଇ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ । ଅକ୍ଟୋବର ୨ରୁ ମାସେ ଧରି ଭୁବନେଶ୍ୱରରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇ ପଞ୍ଚାୟତସ୍ତରକୁ ଯିବ । ୨ ଅକ୍ଟୋବରରେ ଗ୍ରାମପଞ୍ଚାୟତରେ ଗ୍ରାମସଭା ଡକାଯାଇ ନିଶା ସମସ୍ୟା ଓ ନିବାରଣ ଦିଗରେ ହେବ ଆଲୋଚନା। ନିଶାମୁକ୍ତ ଗାଁ ଗଠନ ପାଇଁ ଗ୍ରାମପଞ୍ଚାୟତକୁ ଉତ୍ସାହିତ କରାଯିବ । ଶ୍ରେଷ୍ଠ ୩ ଗ୍ରାମପଞ୍ଚାୟତକୁ ପୁରସ୍କୃତ କରାଯିବ । ଏଥିପାଇଁ ବିଭିନ୍ନ ବିଭାଗକୁ ଚିଠି ଲେଖି ଦାୟିତ୍ୱ ବାଣ୍ଟିଛି ଅବକାରୀ ବିଭାଗ । ମଦ୍ୟପାନ କରି ଗାଡ଼ି ଚାଳନା ରୋକିବାକୁ ପରିବହନ ବିଭାଗ ସଚେତନ କରିବ । ସ୍ୱାସ୍ଥ୍ୟ ଶିବିର, କର୍ମଶାଳା, ସମ୍ମିଳନୀ ଜରିଆରେ ସଚେତନ କରିବ ସ୍ୱାସ୍ଥ୍ୟ ବିଭାଗ। ବେଆଇନ ଗଞ୍ଜେଇ ଗଛକୁ ନଷ୍ଟ କରିବ ଜଙ୍ଗଲ ବିଭାଗ। ଗଣଦୌଡ଼ ଜରିଆରେ 'ତମାଖୁ, ମଦ୍ୟପାନ ଏବଂ ନିଶାମୁକ୍ତ ବିଶ୍ୱ' ବାର୍ତ୍ତା ପହଞ୍ଚାଇବ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ।

# ବିହାର ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ଜାରି

ନୂଆଦିଲ୍ଲୀ,୩୦/୯ : ବିହାରରେ ସ୍ୱତନ୍ତ୍ର ସଂଶୋଧନ ପରେ ଆଜି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ନୂଆ ତାଲିକାରେ ମୋଟ ଭୋଟରଙ୍କ ସଂଖ୍ୟା ରହିଛି ୭କୋଟି ୪୨ଲକ୍ଷ। ପୂର୍ବରୁ ଚିଠା ତାଲିକାରେ ଥିଲା ୭କୋଟି ୨୪ଲକ୍ଷ । ସେହିପରି ନୂଆ ଯୋଡି ହେଲେ ୨୧ଲକ୍ଷ ୫୩ ହଜାର ଭୋଟର । ପୂର୍ବରୁ ପ୍ରକାଶିତ ଚିଠା ତାଲିକାଠାରୁ ଚୂଡାନ୍ତ ତାଲିକାରେ କେବଳ ପାଟନାରେ ୧ଲକ୍ଷ ୬୩ ହଜାର ଭୋଟରଙ୍କୁ ନୂଆ କରି ସ୍ଥାନ ମିଳିଛି । ନିର୍ବାଚନ କମିସନଙ୍କ ପକ୍ଷରୁ ଦିଆଯାଇଥିବା ଲିଙ୍କ୍ ମାଧ୍ୟମରେ ଯେକୌଣସି ଭୋଟର ଚୂଡ଼ାନ୍ତ ତାଲିକାରେ ତାଙ୍କର ନାଁ ଅଛିକି ନାହିଁ ଦେଖିବା ଆରମ୍ଭ କରିଛନ୍ତି । ୨୨ ବର୍ଷ ପରେ ସ୍ୱତନ୍ତ୍ର ସଂଶୋଧନ ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ପୂର୍ବରୁ ଅଗଷ୍ଟ ୧ ତାରିଖରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ୬୫ ଲକ୍ଷ ଭୋଟରଙ୍କ ନାଁ ନଥିବା ଅଭିଯୋଗ ହେଇଥିଲା । କଂଗ୍ରେସ ସମେତ ବହୁ ରାଜନୈତିକ ଦଳ ଏହାକୁ ନେଇ ତମ୍ବିତୋଫାନ କରିଥିଲେ । ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇଥିଲା । ତେବେ ନିର୍ବାଚନ କମିସନ ଜାଣିଶୁଣି ଆପତ୍ତି ଅଭିଯୋଗ ଶୁଣୁ ନଥିବା କଂଗ୍ରେସ ଓ ଅନ୍ୟ ରାଜନୈତିକ ଦଳ ଅଭିଯୋଗ କରି ସୁପ୍ରିମକୋର୍ଟକୁ ଯାଇଥିଲେ । ସୁପ୍ରିମକୋର୍ଟ ମାମଲାର ଶୁଣାଣି କରି ସ୍ପଷ୍ଟ କରିଥିଲେ ଯେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପରେ ମଧ୍ୟ କୌଣସି ତ୍ରୁଟି ନଜରକୁ ଆସିଲେ ଏସଆଇଆର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବାତିଲ କରାଯାଇପାରିବ । ଆଜି ବିହାରର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । କିଛି ତ୍ରୁଟି ବିଚ୍ୟୁତି ଅଛି କି ନାହିଁ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ଅକ୍ଟୋବର ୭ ତାରିଖରେ ହେବ ।

# ଆତ୍ମଘାତୀ ବିସ୍ଫୋରଣରେ ଥରିଲା ପାକିସ୍ତାନ: ୧୩ ମୃତ

ନୂଆଦିଲ୍ଲୀ,୩୦/୯ : ଅଶାନ୍ତ ପାକିସ୍ତାନ । ବାଲୁଚିସ୍ତାନର ରାଜଧାନୀ କ୍ୱେଟା ସହରରେ ବଡ଼ଧରଣର ଆତ୍ମଘାତୀ ବିସ୍ଫୋରଣ । ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଆତ୍ମଘାତୀ ବିସ୍ଫୋରଣ ହୋଇଛି । ସୂଚନା ଅନୁସାରେ, ୧୩ଜଣ ପ୍ରାଣ ହରାଇଛନ୍ତି ଏବଂ ୪୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ବିସ୍ଫୋରଣ ଏଡ଼େ ବଡ଼ଧରଣରେ ହୋଇଛି ଯେ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା କରାଯାଉଛି । ଫ୍ରଣ୍ଟିୟର ଫୋର୍ସ ମୁଖ୍ୟାଳୟ ନିକଟରେ ଘଟିଛି ବିସ୍ଫୋରଣ । ଏଥିରେ ୩ ପାକିସ୍ତାନୀ ସୈନ୍ୟ ମଧ୍ୟ ଘଟଣାସ୍ଥଳରେ ପ୍ରାଣ ହରାଇଛନ୍ତି । କ୍ୱେଟାରେ ବାରମ୍ବାର ବିସ୍ଫୋରଣ ଘଟୁଛି । ପାକିସ୍ତାନ ସରକାର ଓ ସେନା ବିରୋଧରେ ବଲୁଚ ବାସିନ୍ଦା ଲଗାତାର ପ୍ରତିବାଦ କରିଆସୁଛନ୍ତି ।

# ମିଳୁନି ସରକାରୀ ପ୍ରୋତ୍ସାହନ: କୌଳିକ ବୃତ୍ତିରୁ ଦୂରେଇଯାଉଛନ୍ତି ବାଉଁଶ କାରିଗର

ଭଦ୍ରକ, ୩୦/୯ (ନି.ପ୍ର): ରାଜ୍ୟରେ ବାଉଁଶ କାରିଗରୀ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଛି । ଫଳରେ କାରିଗରମାନଙ୍କର ସାମାଜିକ ଓ ଆର୍ଥିକ ଦୂରାବସ୍ଥା ବଢିବାରେ ଲାଗିଛି । ତେବେ ସରକାରୀ ପ୍ରୋତ୍ସାହନର ସୁବିଧା ଥିଲେ ସୁଦ୍ଧା ବିଭାଗୀୟ ଉଦାସିନତା ଯୋଗୁଁ ବାଉଁଶ କାରିଗରମାନେ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି । ବାଉଁଶ କାରିଗରୀ ଲାଗି ସରକାରଙ୍କ କେତେକ ଯୋଜନା ଥିଲେ ମଧ୍ୟ ତାହା କାରିଗରଙ୍କ ପାଖରେ ଅପହଞ୍ଚ । କିଛି ସ୍ୱେଚ୍ଛାସେବୀ



ସଙ୍ଗଠନ ସେହି ସଂପ୍ରଦାୟର କାରିଗରଙ୍କୁ ପ୍ରୋତ୍ସାହନ ଯୋଗାଇବା ଓ ସଚେତନ କରାଇବାର ଗୁରୁ ଦାୟିତ୍ୱ ନେଇଥିଲେ ସୁଦ୍ଧା ସେମାନଙ୍କର ମାନସିକତା ଅଭାବ ଓ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଯୋଗୁଁ ଏହା ହୋଇପାରୁ ନାହିଁ। ଯେତେ ନୂତନତ୍ୱକୁ ଆପଣେଇଲେ ମଧ୍ୟ ଏମିତି କିଛି ନିତ୍ୟାବଶ୍ୟକ ସାମଗ୍ରୀ ଅଛି ଯାହାର ପ୍ରତ୍ୟେକ କାର୍ଯ୍ୟରେ ନିତ୍ୟାନ୍ତ ଆବଶ୍ୟକ । ସେହି ସବୁ ସାମଗ୍ରୀ ବିନା କାର୍ଯ୍ୟ ଅସମ୍ଭବ ଯେପରିକି ବିଭାଘର, ବ୍ରତଘର, ପୂଜା ଆଦିରେ ସର୍ବ ପ୍ରଥମେ ବାଉଁଶ ଓ ବେତରେ ତିଆରି ସାମଗ୍ରୀ ଯଥା -କୁଲା, ନାଳିଆ, ଡଲା,ସେର,ମାଣ ଆଦିର ନିତ୍ୟାନ୍ତ ଆବଶ୍ୟକତା ରହିଥାଏ । ଏହି ସବୁ ସାମଗ୍ରୀ ବିନା ଉପରୋକ୍ତ କାର୍ଯ୍ୟ ସଂପାଦନ କରିବା ଅସମ୍ଭବ ହୋଇ ପଡିଥାଏ । ଏହି ପରି ସ୍ଥଳେ ଏହି ସବୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କୁ ସଂପାଦନା କରୁଥିବା ସଂପ୍ରଦାୟ ତଥା ଏହି କାରିଗରୀକୁ ବୃତ୍ତିକରି ଜୀବିକା ନିର୍ବାହ କରୁଥିବା ବୃତ୍ତିଧାରୀ ଆଜି ଅବହେଳିତ । ସେମାନଙ୍କୁ ସେମାନଙ୍କର କୌଳିକ ବୃତ୍ତିକୁ ପ୍ରୋତ୍ସାହନ ଦେବା ପାଇଁ କୌଣସି ସରକାରୀ ଅନୁଷ୍ଠାନ ର ଆଗ୍ରହ ନାହିଁ କିମ୍ବା କୌଣସି ବେସରକାରୀ ଅନୁଷ୍ଠାନର ସହଯୋଗ ନାହିଁ । ଯଦ୍ୱାରା ସେମାନେ ସେମାନଙ୍କର ବେଉସାରୁ ନିଜକୁ ଦୂରେଇ ଦେଇ ଅନ୍ୟ ପନ୍ଥା ଅବଲମ୍ବନ କରିବାକୁ ସତ ଚେଷ୍ଟିତ ହେବାକୁ ବସିଲେଣି । ଆଗରପଡ଼ା ଓ ତା ଆଖପାଖ ଅଂଚଳ ଯଥା ଆଢ଼ିଆ, ଚାରିଗାଁ , ଜଳଙ୍ଗା, ଗେଲଟୁଆ , କୁଆପଦା ଆଦି ଏପରି ଗ୍ରାମ ।

# ଚାନ୍ଦିମେଢରେ ପୂଜା ପାଇଲେ ଜଗତଜନନୀ ମା' ଦେବୀଦୁର୍ଗା

ନୀଳଗିରି, ୩୦/୯ (ନି.ପ୍ର): ନୀଳଗିରି ବ୍ଲକ ବରହମପୁର ସାର୍ବଜନୀନ ପୂଜାକମିଟିରେ ଚାନ୍ଦିମେଢ ଓ ଚାନ୍ଦିର ଅଳଙ୍କାରରେ ପୂଜାପାଇଲେ ଦୁର୍ଗତିନାଶିନୀ ମା ଦେବୀଦୁର୍ଗା ।ବରହମପୁର ବଜାର ଦୁର୍ଗାମଣ୍ଡପରେ ଚଳିତବର୍ଷ ଦେବୀଙ୍କ ପୂଜା ୭୧ବର୍ଷରେ ପଦାର୍ପଣ କରିଥିବାରୁ ବହୁ ଧୁମଧାମରେ ପାଳିତ ହେଉଅଛି। ମଙ୍ଗଳବାର ଦିନ ମଣ୍ଡପରେ ମା ଦୁର୍ଗାଙ୍କର ଅଷ୍ଟମୀପୂଜାରେ ହଜାର ହଜାର ଉପାସକଙ୍କ ଭିଡ଼ ପରିଲକ୍ଷିତ ହୋଇଅଛି। ସକାଳ ୭ଟାରୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଉକ୍ତ ମଣ୍ଡପରେ ପ୍ରତି ବର୍ଷ ସପ୍ତମୀ ଠାରୁ ଦଶହରା ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେଉଛି ।କମିଟି ପକ୍ଷରୁ ଚଳିତବର୍ଷ ୭୧ତମ ହୋଇଥିବାରୁ ଚାନ୍ଦିମେଢ଼ କରାଯାଇଛି । ମୁଖ୍ୟପୂଜକ ବିଦ୍ୟାଧର ମିଶ୍ର, ହେମନ୍ତ ଦାଶ, ସୁମନ୍ତ ଦାଶ, ଅନ୍ୟ ସହଯୋଗୀଙ୍କ ଦ୍ୱାରା ପୂଜାଅର୍ଚ୍ଚନା ଚାଲିଛି ।ସୂଚନାଯୋଗ୍ୟ କଟକରୁ ଚାରିଜଣ କାରିଗରଙ୍କ ସହାୟତାରେ ପ୍ରାୟ ଦଶଲକ୍ଷରୁ ଉର୍ଦ୍ଧ୍ୱଟଙ୍କା ଖର୍ଚ୍ଚ କରାଯାଇ ଚାନ୍ଦିରେ



ମା ଦୁର୍ଗା ଓ ସମସ୍ତ ପାର୍ଶ୍ୱ ଦେବୀ ଓ ଦେବାତଙ୍କର ମୁକୁଟ ଓ ଅଳଙ୍କାର ନିର୍ମାଣ କରାଯିବା ସହିତ ମେଢକୁ ମଧ୍ୟ ଚାନ୍ଦିରେ ପ୍ରସ୍ତୁତ କରାଯାଇଛି ।ସମଗ୍ର ଜିଲ୍ଲାରେ ପ୍ରଥମ କରି ମା ଚାନ୍ଦିମେଢରେ ପୂଜା ପାଉଛନ୍ତି। ପବିତ୍ର ଗଣେଷଚତୁର୍ଥୀ ଅବସରରେ ଦୁର୍ଗାପୂଜା ନିମନ୍ତେ କର୍ତ୍ତା ଅରବିନ୍ଦ ବେହେରାଙ୍କ ଘରୁ ମୃଣ୍ମୟମୂର୍ତ୍ତୀ ପ୍ରସ୍ତୁତି ପାଇଁ ମାଟି ଉଠାଣ କରାଯାଇଥିଲା। ସ୍ଥାନୀୟ ମୂର୍ତ୍ତୀ କାରିଗର ମୁକ୍ତିକାନ୍ତ ବାରିକଙ୍କ ଅଧକ୍ଷତାରେ ୧୦ ଜଣିଆ କାରିଗର ଦଳ ମାଙ୍କ ମୂର୍ତ୍ତୀ ସହିତ କୁଞ୍ଜ ଓ ପାର୍ଶ୍ୱମୂର୍ତ୍ତୀ ଗୁଡିକୁ ପ୍ରସ୍ତୁତ କରାଯାଇଛି। ପୂଜା କମିଟିର ସଭାପତି ରବିନାରାୟଣ ଚୌଧୁରୀଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ଅନୀଲ କୁମାର ବେହେରା, ପ୍ରଦୀପ ବେହେରା, ପ୍ରଫୁଲ୍ଲ ରାଉତ, ବାଇଧର ପଣ୍ଡା,ଦୀନବନ୍ଧୁ କବାଟ, ରମାକାନ୍ତ ମହାନ୍ତି, ନରେନ୍ଦ୍ରନାଥ ବାରିକ, ସୁଧାରଞ୍ଜନ ପସା, ରବୀନ୍ଦ୍ର ବେହେରା, ଗୋପବନ୍ଧୁ ପସା, ରାଧାଗୋବିନ୍ଦ ପସା,ରବୀନ୍ଦ୍ର ସାହୁ, ସୁଶୀଲ କୁମାର ବେହେରା,ପ୍ରଦୀପ ପସା, ହରେକୃଷ୍ଣ ବେହେରା, କୃତିବାସ ବେହେରା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ ।ପ୍ରତ୍ୟକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବାରୁ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି ।ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବରହମପୁର ଆଇଆଇସି ପ୍ରେମଦା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ସଜାଗ ରହିଥିବା ଦେଖିବାକୁ ମିଳିଛି।

# କରୁର ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କୁ ଟିଭିକେ ମୁଖ୍ୟଙ୍କ ଖୋଲା ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୩୦/୯ : ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତାମିଲନାଡୁ କରୁର୍ ଦଳାଚକଟା ଘଟଣାର ତଦନ୍ତ ପାଇଁ ଏନଡିଏ ଟିମ୍ ଦାବି କରିଛି । ହେମାମାଳିନୀଙ୍କ ନେତୃତ୍ୱରେ ଯାଇଥିବା ଏନଡିଏର ୮ ଜଣ ପ୍ରତିନଧି ଘଟଣାସ୍ଥଳରେ ଅନୁଧାନ କରିବା ସହିତ ଲୋକଙ୍କ ସହ ଆଲୋଚନା କରିଥିଲେ । ଦଳାଚକଟାକୁ ନେଇ କିଛି ସନ୍ଦେହ ସୃଷ୍ଟି ହେଉଥିବା ହେମାମାଳିନୀ କହିଛନ୍ତି । ଗତ ରବିବାର ତାମିଲନାଡୁର କରୁରରେ ଟିଭିକେ ନେତା ଥାଲାପତି ବିଜୟଙ୍କ ରାଲିରେ ଦଳାଚକଟା ହୋଇଥିଲା । ଏଥିରେ ୪୧ ଜଣ ପ୍ରାଣ ହରାଇଥିଲେ ଓ ବହୁ ଲୋକ ଆହତ ହୋଇଛନ୍ତି । ଏନଡିଏ ଟିମ୍ ସେଠାରେ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଅନୁଧାନ କରିବେ । ଦଳାଚକଟା ଘଟଣା ପରେ ଟିଭିକେର ଜଣେ ସମର୍ଥକ ଆତ୍ମହତ୍ୟା କରିଛନ୍ତି । ଦଳାଚକଟା ପାଇଁ ସେ ଡିଏମକେ ବିଧାୟକ ସେନ୍ଥିଲ ବାଲାଜୀଙ୍କୁ ତାଙ୍କ ସୁଇସାଇଡ୍ ନୋଟରେ ଦାୟୀ କରିଛନ୍ତି । ପୂର୍ବରୁ ଦଳାଚକଟା ପାଇଁ ଷଡ଼ଯନ୍ତ୍ର ଅଭିଯୋଗ ହେଉଥଲା । ଆତ୍ମହତ୍ୟା କରିଥିବା ଟିଭିକେ ସମର୍ଥକଙ୍କ ସୁଇସାଇଡ୍ ନୋଟ୍ ଆହୁରି ସନ୍ଦେହ ସୃଷ୍ଟି କରିଛି । ସେପଟେ ଦଳାଚକଟା ଘଟଣାକୁ ବିଜେପି ରାଜନୀତିର ରୂପ ଦେଉଥିବା ଅଭିଯୋଗ କରି କଂଗ୍ରେସ ମଧ୍ୟ ଏକ ଅନୁଧାନ ଟିମ୍ ଗଠନ କରିବା ପାଇଁ ଦାବି ଉଠିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଶିଶୁଙ୍କ ବିରୋଧରେ ବଢୁଥିବା ଅପରାଧ: ଏନସିଆରବି ତଥ୍ୟର ଚିନ୍ତାଜନକ ଦିଗ

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ଦ୍ୱାରା ପ୍ରକାଶିତ ୨୦୨୩ର ରିପୋର୍ଟ, ଦେଶରେ ଶିଶୁ ସୁରକ୍ଷାର ସ୍ଥିତି ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ ଦିଗକୁ ସାମ୍ନାକୁ ଆଣିଛି । ଏହି ରିପୋର୍ଟ ଅନୁଯାୟୀ, ୨୦୨୨ ତୁଳନାରେ ୨୦୨୩ରେ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧରେ ୯.୨% ବୃଦ୍ଧି ଘଟିଛି ଏବଂ ମୋଟ ୧,୭୭,୩୩୫ଟି ମାମଲା ପଞ୍ଜିକୃତ ହୋଇଛି । ଏହା ସହିତ, ପ୍ରତି ଏକ ଲକ୍ଷ ଶିଶୁଙ୍କ ମଧ୍ୟରେ ଅପରାଧ ହାର ୩୬.୬ରୁ ବୃଦ୍ଧି ପାଇ ୩୯.୯ରେ ପହଞ୍ଚିଛି । ଏହି ପରିସଂଖ୍ୟାନଗୁଡ଼ିକ କେବଳ ସଂଖ୍ୟା ନୁହେଁ, ବରଂ ଏହା ଶିଶୁ ସୁରକ୍ଷା ସହ ଜଡ଼ିତ ବ୍ୟବସ୍ଥା ଏବଂ ସାମାଜିକ ଦାୟିତ୍ୱବୋଧର ଏକ ଗମ୍ଭୀର ସମୀକ୍ଷା ପାଇଁ ଆହ୍ୱାନ ଦେଉଛି । ଏହି ବର୍ଦ୍ଧିତ ଅପରାଧ ହାର ପଛର କାରଣଗୁଡ଼ିକୁ ବୁଝିବା ଏବଂ ଏହାର ନିରାକରଣ ଦିଗରେ ଥିବା ଆହ୍ୱାନଗୁଡ଼ିକୁ ବିଶ୍ଳେଷଣ କରିବା ଏକାନ୍ତ ଆବଶ୍ୟକ ।

ଏହି ରିପୋର୍ଟର ଗଭୀର ବିଶ୍ଳେଷଣ କଲେ ଜଣାପଡ଼େ ଯେ ଅପରାଧର ସ୍ୱରୂପ କେତେ ଭୟଙ୍କର । ମୋଟ ମାମଲାର ପ୍ରାୟ ୪୫% ଅପହରଣ ଏବଂ ୩୮.୨% ଯୌନ ନିର୍ଯାତନାରୁ ଶିଶୁଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ (**POCSO**) ଆଇନ ଅଧୀନରେ ରୁଜୁ ହୋଇଛି । ସବୁଠାରୁ ବଡ଼ ବିଡ଼ମ୍ବନାର ବିଷୟ ହେଉଛି, ଯୌନ ନିର୍ଯାତନା ମାମଲାଗୁଡ଼ିକରେ ଅଧିକାଂଶ ଅପରାଧୀ ପୀଡ଼ିତ ଶିଶୁର ପରିଚିତ ବ୍ୟକ୍ତି, ଯେପରିକି ପରିବାର ସଦସ୍ୟ, ବନ୍ଧୁ, ପଡ଼ୋଶୀ କିମ୍ବା ଅନ୍ୟ କୌଣସି ଜଣାଶୁଣା ବ୍ୟକ୍ତି । ଏହା ସ୍ପଷ୍ଟ କରୁଛି ଯେ ଶିଶୁଟି ନିଜ ଘରେ ଏବଂ ନିଜ ପରିବେଶରେ ମଧ୍ୟ ସୁରକ୍ଷିତ ନୁହେଁ । ଯେଉଁ ସ୍ଥାନକୁ ସେ ସବୁଠାରୁ ନିରାପଦ ମନେକରେ, ସେହି ସ୍ଥାନରେ ହିଁ ତା'ର ସ୍ୱପ୍ନ ଏବଂ ଭବିଷ୍ୟତକୁ ନଷ୍ଟ କରିଦିଆଯାଉଛି । ଏହି ତଥ୍ୟ ଆମ ସାମାଜିକ ସଂରଚନା ଏବଂ ନୈତିକ ମୂଲ୍ୟବୋଧର ଅବକ୍ଷୟକୁ ସୂଚାଉଛି । ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶ ଭଳି ବଡ଼ ରାଜ୍ୟମାନଙ୍କରେ ସର୍ବାଧିକ ମାମଲା ଦେଖିବାକୁ ମିଳିଥିବା ବେଳେ, ଦିଲ୍ଲୀ ଭଳି କେନ୍ଦ୍ରଶାସିତ ଅଞ୍ଚଳରେ ଅପରାଧ ହାର ଅତ୍ୟଧିକ ରହିବା ଆହୁରି ଚିନ୍ତା ବଢ଼ାଇଛି । ଏହା କେବଳ ଆଞ୍ଚଳିକ ସମସ୍ୟା ନୁହେଁ, ବରଂ ଏକ ଜାତୀୟ ସଙ୍କଟ ।

ଅପରାଧ ବୃଦ୍ଧି ପଛରେ କେବଳ ଗୋଟିଏ କାରଣ ନାହିଁ, ଏହା ପଛରେ ବହୁବିଧ ସାମାଜିକ, ଆର୍ଥିକ ଏବଂ ମାନସିକ କାରଣ ନିହିତ । ଦାରିଦ୍ର୍ୟ, ଅଶିକ୍ଷା, ସାମାଜିକ ସଚେତନତାର ଅଭାବ, ପାରିବାରିକ ବିଶୃଙ୍ଖଳା ଏବଂ ନୈତିକତାର ଅବକ୍ଷୟ ଏହି ସମସ୍ୟାକୁ ଆହୁରି ଜଟିଳ କରିଛି । ଏହା ସହିତ, ଡିଜିଟାଲ ଯୁଗର ଆଗମନ ଏକ ନୂଆ ପ୍ରକାରର ସଙ୍କଟ ସୃଷ୍ଟି କରିଛି । ୨୦୨୩ର ରିପୋର୍ଟରେ ସାଇବର ଅପରାଧରେ ୩୧.୨% ବୃଦ୍ଧି ଘଟିଥିବା ଉଲ୍ଲେଖ କରାଯାଇଛି । ଆଜିର ଶିଶୁମାନେ ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆ ସହ ଅଧିକ ସମୟ ବିତାଉଛନ୍ତି, ଯାହା ସେମାନଙ୍କୁ ଅନଲାଇନ୍ ଶୋଷଣ, ବ୍ଲାକମେଲିଂ ଏବଂ ଯୌନ ଉତ୍ପୀଡ଼ନର ଶିକାର ହେବାର ଆଶଙ୍କା ବଢ଼ାଇ ଦେଉଛି । ଅନଲାଇନ୍ ଗେମ୍, ଅଜଣା ବ୍ୟକ୍ତିଙ୍କ ସହ ବନ୍ଧୁତା ଏବଂ ଅଶ୍ଳୀଳ ସାମଗ୍ରୀର ସହଜ ଉପଲବ୍ଧତା ସେମାନଙ୍କୁ ଏକ ଅଦୃଶ୍ୟ ଜାଲରେ ଛନ୍ଦି ଦେଉଛି, ଯେଉଁଠାରୁ ବାହାରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି । ଏହା ବ୍ୟତୀତ, କିଶୋର ଅପରାଧରେ ୨.୭% ବୃଦ୍ଧି ମଧ୍ୟ ଏକ ଗମ୍ଭୀର ସମସ୍ୟା । ଯେଉଁ ଶିଶୁମାନେ ନିଜେ ଶୋଷଣର ଶିକାର ହେଉଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ପରବର୍ତ୍ତୀ ସମୟରେ ଅପରାଧୀ ପାଲଟିବାର ଆଶଙ୍କା ରହିଛି, ଯାହା ଏକ ବିଷମ ଚକ୍ର ସୃଷ୍ଟି କରୁଛି ।

ଏହି ସମସ୍ୟାର ମୁକାବିଲା ପାଇଁ ଆମର ଆଇନଗତ ଏବଂ ପ୍ରଶାସନିକ ବ୍ୟବସ୍ଥା କେତେଦୂର ସଫଳ, ତାହା ମଧ୍ୟ ବିଚାର୍ଯ୍ୟ । ପୋକ୍ସୋ ଭଳି କଠୋର ଆଇନ ଥିବା ସତ୍ତ୍ୱେ ଅପରାଧ ବଢ଼ିଚାଲିଛି, ଯାହା ଏହାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅନେକ ରାଜ୍ୟରେ ମାମଲାର ତଦନ୍ତ ପ୍ରକ୍ରିୟା ବହୁତ ଧୀମା ଏବଂ ଚାର୍ଜସିଟ୍ ଦାଖଲ ହାର ମଧ୍ୟ ନୈରାଶ୍ୟଜନକ । ଉଦାହରଣ ସ୍ୱରୂପ, ଦିଲ୍ଲୀ ଏବଂ ହରିୟାଣାରେ ଚାର୍ଜସିଟ୍ ଦାଖଲ ହାର କମ୍ ଥିବାବେଳେ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ଏହା ଅଧିକ ରହିଛି । ଏହି ଆଞ୍ଚଳିକ ଅସମାନତା ଦର୍ଶାଉଛି ଯେ ଆଇନର ପ୍ରୟୋଗ ସବୁ ସ୍ଥାନରେ ସମାନ ଭାବରେ ହେଉନାହିଁ । ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ, ସାକ୍ଷୀଙ୍କୁ ସୁରକ୍ଷା ନ ମିଳିବା ଏବଂ ପୀଡ଼ିତଙ୍କୁ ଉପଯୁକ୍ତ ପୁନର୍ବାସ ଓ ମାନସିକ ସହାୟତା ନ ମିଳିବା ଭଳି ସମସ୍ୟାଗୁଡ଼ିକ ପୀଡ଼ିତ ଏବଂ ତାଙ୍କ ପରିବାରକୁ ଆହୁରି ଦୁର୍ବଳ କରିଦେଉଛି । ଫଳରେ, ଅନେକ ମାମଲା ପଞ୍ଜିକୃତ ହୋଇପାରୁନାହିଁ କିମ୍ବା ଅଧାବାଟରେ ଦବି ଯାଉଛି ।

ଏହି ସଙ୍କଟର ସମାଧାନ ପାଇଁ ଏକ ବହୁମୁଖୀ ଏବଂ ସାମଗ୍ରିକ ପଦକ୍ଷେପର ଆବଶ୍ୟକତା ରହିଛି । କେବଳ ଆଇନ ପ୍ରଣୟନ କିମ୍ବା ପୋଲିସ ବ୍ୟବସ୍ଥାକୁ ସୁଦୃଢ଼ କଲେ ଏହି ସମସ୍ୟାର ସମାଧାନ ହେବ ନାହିଁ । ଏଥିପାଇଁ ସାମାଜିକ ସ୍ତରରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ପଡ଼ିବ । ପ୍ରଥମତଃ, ପରିବାର ଏବଂ ବିଦ୍ୟାଳୟ ସ୍ତରରେ ଶିଶୁମାନଙ୍କୁ 'ଗୁଡ୍ ଟଚ୍' ଏବଂ 'ବ୍ୟାଡ୍ ଟଚ୍' ବିଷୟରେ ଶିକ୍ଷା ଦେବା ଅତ୍ୟନ୍ତ ଜରୁରୀ । ସେମାନଙ୍କୁ ନିଜ ସୁରକ୍ଷା ବିଷୟରେ ସଚେତନ କରାଇବା ଏବଂ କୌଣସି ଅଘଟଣ ଘଟିଲେ ତାହାକୁ ନ ଲୁଚାଇ ନିଜ ପରିବାର କିମ୍ବା ଶିକ୍ଷକଙ୍କୁ ଜଣାଇବା ପାଇଁ ସାହସ ଦେବାକୁ ପଡ଼ିବ । ଦ୍ୱିତୀୟତଃ, ସମାଜରେ ଶିଶୁ ସୁରକ୍ଷାକୁ ନେଇ ଏକ ସକାରାତ୍ମକ ବାତାବରଣ ସୃଷ୍ଟି କରିବାକୁ ହେବ, ଯେଉଁଠାରେ ପୀଡ଼ିତକୁ ଦୋଷୀ ଦୃଷ୍ଟିରେ ଦେଖା ନ ଯାଇ ତାକୁ ସମବେଦନା ଏବଂ ସହଯୋଗ ମିଳିବ । ତୃତୀୟତଃ, ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକୁ ଅଧିକ ସମ୍ବେଦନଶୀଳ ଏବଂ ଦକ୍ଷ କରାଯିବା ଆବଶ୍ୟକ । ଶିଶୁ-ଅନୁକୂଳ ଥାନା (**child-friendly police stations**) ସ୍ଥାପନ, ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଦୋଷୀଙ୍କୁ ଶୀଘ୍ର ଦଣ୍ଡବିଧାନ କରିବା ଦ୍ୱାରା ଲୋକଙ୍କ ମନରେ ଆଇନ ପ୍ରତି ଭୟ ଏବଂ ବିଶ୍ୱାସ ସୃଷ୍ଟି ହେବ । ଚତୁର୍ଥତଃ, ପୀଡ଼ିତ ଶିଶୁ ଏବଂ ତାଙ୍କ ପରିବାର ପାଇଁ ଦୀର୍ଘମିଆଦୀ ମାନସିକ ପରାମର୍ଶ ଏବଂ ପୁନର୍ବାସର ସୁବିଧା ଯୋଗାଇ ଦେବା ଉଚିତ୍, ଯାହା ସେମାନଙ୍କୁ ଏହି ଆଘାତରୁ ବାହାରି ଏକ ସାଧାରଣ ଜୀବନଯାପନ କରିବାରେ ସାହାଯ୍ୟ କରିବ ।

ଶେଷରେ, ଏହା କହିବା ଅତ୍ୟୁକ୍ତି ହେବ ନାହିଁ ଯେ ଶିଶୁମାନେ ଆମ ସମାଜର ଦର୍ପଣ ଏବଂ ଦେଶର ଭବିଷ୍ୟତ । ଯଦି ସେମାନଙ୍କ ବର୍ତ୍ତମାନ ଅନ୍ଧକାରମୟ ହୁଏ, ତେବେ ଏକ ଉଜ୍ଜ୍ୱଳ ଭବିଷ୍ୟତର କଳ୍ପନା କରିବା ଅସମ୍ଭବ । ଏନସିଆରବିର ଏହି ରିପୋର୍ଟ ଆମ ସମସ୍ତଙ୍କ ପାଇଁ ଏକ ଚେତାବନୀ । ଏହା କେବଳ ସରକାର କିମ୍ବା ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ଯେ ସେମାନେ ନିଜ ପରିବେଶରେ ଶିଶୁଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସୁସ୍ଥ ବାତାବରଣ ସୃଷ୍ଟି କରିବେ । ଆମକୁ ମିଳିତ ଭାବେ ଏହି ସାମାଜିକ ବ୍ୟାଧି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ, ନଚେତ୍ ଆମେ ଏକ ଏପରି ପିଢ଼ି ତିଆରି କରିବା, ଯାହାର ଶୈଶବ କେବଳ ଭୟ, ଆଘାତ ଏବଂ ଅବିଶ୍ୱାସର କାହାଣୀ ହୋଇ ରହିଯିବ ।

# ଶକ୍ତି ରୂପିଣୀ ଦୁର୍ଗା ଦେବୀ



## ଅକ୍ଷୟ କୁମାର ରଉତ



ଭାରତୀୟ ଋତୁ ଚକ୍ରରେ ଶରତର ସ୍ଥାନ ତୃତୀୟ। କାସତଣ୍ଡିର ହସ, ଧବଳ ଜ୍ୟୋସ୍ନାର ପ୍ରକାଶ, ସବୁଜ ଶସ୍ୟଶ୍ରୀର ସରସ ମାଧୁରୀ ଘେନି ବସୁନ୍ଧରା ଯେତେବେଳେ ଶରତ ସ୍ୱଚ୍ଛ ଜଳ ଦର୍ପଣ ରେ ନିର୍ମଳ ଚନ୍ଦ୍ର ମଣ୍ଡଳ ର ବିମଳ ପ୍ରତିବିମ୍ବ ଅବଲୋଚନ କରନ୍ତି, ସେତେ ବେଳେ ସେହି ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଭାରତବର୍ଷର ପ୍ରତି ପୁରପଲ୍ଲି, ନଗର ଓ ଜନପଦରେ ଶାରଦୀୟ ଦଶହରା ଉତ୍ସବ ମହା ସମାରେହରେ ଅନୁଷ୍ଠିତ ହୁଏ । ଆଦ୍ୟାଶକ୍ତି ଦେବୀ ଦୃର୍ଗାଙ୍କର ଆରଧନା ଏହି ତିଥିରେ କରାଯାଉଥିବାରୁ ଏହାର ଅନ୍ୟନାମ ଦୃର୍ଗାପୂଜା । ଆମ୍ଭେ ମାନେ ତିନୋଟି ଦଶହରା ପାଳନ କରୁଥାଉ । ଜ୍ୟେଷ୍ଠମାସ ଶୁକ୍ଳ ଦଶମୀ ଦିନ ଗଙ୍ଗା ଜୟନ୍ତୀ (ଗଙ୍ଗା ଦଶହରା), ବସନ୍ତ ଋତୁ ରେ ବାସନ୍ତୀୟ ଦୃର୍ଗାପୂଜା ବା ବାସନ୍ତୀ ଦଶହରା, ଏହି ବାସନ୍ତୀୟ ଦୃର୍ଗାପୂଜା ଠାରୁ ଶାରଦୀୟ ଦୁର୍ଗା ପୂଜାର ପ୍ରସାର ଅଧିକ ପରିଲକ୍ଷିତ ହୁଏ। ଆର୍ଯ୍ୟମାନଙ୍କର ଏହି ବିଜୟ ପର୍ବ ଅନାଦି କାଳରୁ ଜନତାଙ୍କ ମଧ୍ୟରେ ଶକ୍ତି ଆରଧନାର ପ୍ରେରଣା ପ୍ରଦାନ କରି ଆସୁଛି । ଏହି ଶକ୍ତି ଆରଧାନରା କେତେ ଗୁଡ଼ିଏ ପୌରାଣିକ କାହାଣୀ ରହିଛି । ମହିଷାସୁର ରାକ୍ଷାସର ଅତ୍ୟାଚାରରେ ଇହଲୋକ ଓ ଦେବଲୋକ ତ୍ରାହି ତ୍ରାହି ଡ଼ାକ ଛାଡ଼ିଲେ । ଜଗତର ମଙ୍ଗଳ ନିମନ୍ତେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର କ୍ରୋଧାଗ୍ନିରୁ ଏକ ତେଜସିମିନୀ ଶକ୍ତିର ଆବିର୍ଭାବ ହେଲା । ସେହି ଶକ୍ତି ସ୍ୱରୁପଣି ଦେବୀ ଦେବତା ଙ୍କୁ ଦୁର୍ଗତୀରୁ ରକ୍ଷା କରୁଥିବାରୁ ସେ ଦୃର୍ଗା ବୋଲାଇଲେ । ନବ ଦିନ ପର୍ଯ୍ୟନ୍ତ ଦେବୀ ଅସୁର ସହିତ ସଂଘର୍ଷରତ ରହି ଦଶମୀ ଦିନ ମହିଷାସୁରଙ୍କୁ ବିନାଶ କରି ବିଜୟଲାଭ କରିଥିଲେ । ସେହି ଦିନ ଠାରୁ ଇହଲୋକ ଓ ଦେବଲୋକ ମା ଦୃର୍ଗାଙ୍କର ଆରଧନ କରୁଛନ୍ତି ।

ଗିରିରାଜ କନ୍ୟା ଉମା ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଶିବଙ୍କ ନିବାସ କୈଳାସ ପର୍ବତରୁ ପିତୃଗୃହକୁ ଆଗମନ କରନ୍ତି । ଜଗଜ୍ଜନନୀଙ୍କର ଆଗମନରେ ପ୍ରକୃତି ହସି ଉଠେ । ଧରାବକ୍ଷରେ ଶରତ । ଦିଗେ ଦିଗେ ଶାରଦୀୟ ଶୁଭ୍ର ଶୋଭା ଶରତ ସ୍ୱଛ ସରୋବରର ଢ଼େଉରେ ହଂସ ଓ କାରଣ୍ଡକ । ମହା ପୂଜାର ଆୟୋଜନ କରନ୍ତି ଧରାବାସୀ । ଦେବୀ ଜଗତବାସୀଙ୍କ ଠାରୁ ପୂଜା ଗ୍ରହଣ କରି ବିଜୟା ଦଶମୀରେ ପିତ୍ରାଳୟକୁ ପ୍ରତ୍ୟାଗମନ କରନ୍ତି ।

ରାବଣ ନିଧନ ନିମିତ ରଘୁକୁଳ ତିଳକ ରାମଚନ୍ଦ୍ର ଦୃର୍ଗାଙ୍କର ଆରଧନା କରି ଦଶମୀ ତିଥିରେ ବିଜୟ ଲାଭ କରିଥିଲେ । ଏଣୁ ଆଶ୍ୱିନ ଶୁକ୍ଳ ଦଶମୀ "ବିଜୟା ଦଶମୀ'' ନାମରେ ଖ୍ୟାତ । ଆଶ୍ୱିନ ମାସରେ ରାଜା ସୁରଥ ଦୁର୍ଗାଙ୍କର ଆରଧନା କରି ରାଜ୍ୟ ଲାଭ କରିଥିଲେ । ଏତଦ୍ ବ୍ୟତୀତ ବିଜୟା ଦଶମୀ ପାଳନର ଆଉ ଦୁଇଟି କାହାଣୀ ମହାଭାରତରେ ବର୍ଣ୍ଣିତ, ଅର୍ଜ୍ଜୁନ ବିରାଟ ରାଜାଙ୍କର ଗୋବସାହରଣ କୁ ପ୍ରତିହତ କରିଥିଲେ କୌରବ ମାନଙ୍କୁ ପରାସ୍ତ କରିବା ଦିନ ଥିଲା ଆଶ୍ୱିନ ଶୁକ୍ଳ ଦଶମୀ । ଏହି ବିଜୟର ସ୍ମୃତିରେ ବିରାଟ ରାଜା ବିଜୟୋତ୍ସବର ଆୟୋନ କରିଥିଲେ । ଶ୍ରୀକୃଷ୍ଣଙ୍କ ଉପଦେଶରେ ଅର୍ଜ୍ଜୁନ ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଆଶ୍ୱିନ ଶୁକ୍ଳ ଦଶମୀରେ ବିଜୟଲାଭ ନିମିତ ଦୁର୍ଗାଙ୍କର ଆରଧନା କରିଥିଲେ ।

ବହୁ ପ୍ରାଚିନ କାଳରୁ ଷୋଡ଼ଶ ଦିନାତ୍ମକ, ଦୁର୍ଗାପୂଜା ଦେବୀପୀଠ ମାନଙ୍କରେ ହୋଇ ଆସୁଅଛି । ଗାଁ ଗହଳି ତଥା ବିଭିନ୍ନ ସହରରେ ଦେବୀ ମନ୍ଦିରରେ ନବଦିବସ ପଚଂଦିବସ ଓ ତ୍ରିଦିବସୀୟ ଦୁର୍ଗାପୂଜାର ପ୍ରଚଳନ ଅଛି । ଦୁର୍ଗାପୂଜା ଅବସରରେ ଦେବୀଙ୍କ ନିକଟରେ ବଳିର ପ୍ରଥା ପ୍ରଚଳନ ଥିଲା । ଜନସଚେତନତା ଫଳରେ ବଳି ପ୍ରଥା ପ୍ରାୟ ବନ୍ଦ ହୋଇ ଯାଇଛି । ନବଦିବସ ପୂଜାରେ ୩ ଦିନ ମହାଲକ୍ଷ୍ମୀ, ୩ ଦିନ ମହାକାଳୀ ଓ ୩ ଦିନ ମହାସରଶ୍ୱତି ରୂପେ ଦୁର୍ଗାଙ୍କର ପୂଜା ହୁଏ, ନବଦିନ "ମା' ନଅଟି ନାମରେ ପୂଜା ହୋଇଥାଆନ୍ତି, ଯଥା- ଶୈଳପୂତ୍ରୀ, ବ୍ରମ୍ହଚାରିଣୀ, ଚନ୍ଦ୍ରଖଣ୍ଡା, କୁଷ୍ମାଣ୍ଡା, ସ୍କନ୍ଧମାତା, କ୍ୟାତାୟନୀ, କାଳରାତ୍ରୀ, ମହା ଗୌରୀ ଓ ସିଦ୍ଧଦାତ୍ରୀ ।

ଭଗବାନ ଲିଳା ପୁରୁଷ ହୋଇ ଦଶ ଅବତାର ଧାରଣ କରିଥିଲେ । ସେହିପରି ଇଶ୍ୱର ବା ଶିବଙ୍କର ଦଶଟି ସ୍ୱରୂପ ରହିଛି । ଦଶଭୂଜା ଦୁର୍ଗା ଦଶ ମହାବିଦ୍ୟା ରୂପେ ଦଶଟି ଭୈରବୀ ରୂପେ ପୂଜା ପାଆନ୍ତି । ଶିବ ଓ ଶିବାଙ୍କ ଦଶ ରୂପ ଯଥା- ମହାକାଳ-ମହାକାଳୀ, ତାରକ (ତାରେକଶ୍ୱର)-ତାରା ଦେବୀ, ଭୂବନେଶ୍ୱର- ଭୂବନେଶ୍ୱରୀ, ଷୋଡ଼ଶ ଶ୍ରୀବିଦ୍ୟେଷ-ପୋଡ଼ଶୀ, ଭୈରବ- ଭୈରବୀ, ଛିନ୍ନମସ୍ତକ-ଛିନ୍ନମସ୍ତା, ଧୂମବର୍ଣ୍ଣ - ଧୂମାବତୀ, ବଗଳମୁଖ- ବଗଳାମୁଖୀ, ମାତଙ୍ଗ-ମାତଙ୍ଗୀ, କମଳ- କମଳା, ଦଶରୂବରେ ଦଶ ଦୁର୍ଗାଙ୍କୁ ପୂଜା କଲେ ମନୁଷ୍ୟର ଦଶ ଦୋଷ ବା ଦଶପାପ ହରଣ ହୋଇଥାଏ । ଏହି ପାପ ଗୁଡ଼ିକ ହେଉଛି ଚୌର୍ଯ୍ୟ,ହିଂସା, ପରଦାରାଗମନ, ମିଥ୍ୟାବାଦିତା, କପଟଚରଣ, ଅପହରଣ ଚିନ୍ତା, ପ୍ରଳାପ, ଲୋଭ, ପରଅନିଷ୍ଟ, ବାକ୍ୟବାଣ ପ୍ରୟାଗ, ଦଶ ଦୋଷ ହରଣ ହୁଏ ବୋଲି ଏହି ଉତ୍ସବକୁ "ଦଶହରା'' କହନ୍ତି ।

ରାଜସ୍ଥାନ ରେ ରାଜା,ମହାରାଜା ଓ ଜମିଦାର ମାନେ ସବାରି ପାନିକିରେ ପରି ଭ୍ରମଣ କରନ୍ତି । ଏହି ଦିନ ଶସ୍ତ୍ର ଧାରୀ ମାନେ ଅସ୍ତ୍ରଶସ୍ତ୍ର ପୂଜା କରନ୍ତି । ଗୁଜୁରାଟରେ ନୃତ୍ୟଗୀତ ସହ ଦେବୀ ପୂଜାର ବ୍ୟବସ୍ଥା ହୋଇଥାଏ, ବହୁସ୍ଥାନରେ ମେଳାର ଅୟୋଜନ ହୋଇଥାଏ । ପଶ୍ଚିମବଙ୍ଗର ଶାରଦୀୟ ଦୁର୍ଗା ପୂଜା ଭାରତ ପ୍ରସିଦ୍ଧ । ଓଡ଼ିଶାର ଏକମାତ୍ର ପ୍ରସିଦ୍ଧ ନଗର କଟକରେ ଦଶହରା ପର୍ବ ମହାସମାରୋହରେ ପାଳିତ ହୁଏ ।ଗ୍ରାମର ଅଧିବାସୀଗଣ ନିଜ ନିଜର କୁଳବ୍ୟବସାୟର ବିଭିନ୍ନ ଯନ୍ତପାତି ଦେବୀଙ୍କ ନିକଟରେ ସ୍ଥାପନ କରନ୍ତି । ଏହାକୁ ସ୍ଥାନୀୟ ଭାଷାରେ ସଜ ବସାଇବା' କହନ୍ତି । ବିଜୟା ଦଶମୀ ଦିନ ସଜ ଉଠେ ଏବଂ ଦେବୀ ଙ୍କ ବିସର୍ଜନ ହୁଏ । ଦଶହରାରେ ଅପରାଜିତାଙ୍କ ର ପୂଜା ହେତୁ ଏହି ଦଶମୀକୁ କେହି କେହି ଅପରାଜିତା ଦଶମୀ ବୋଲି କହିଥାଆନ୍ତି । ଏହିଦିନ ମଧ୍ୟ ସୋମନାଥ ବ୍ରତ ଅନୁଷ୍ଠିତ ହୁଏ । ବିଜୟାଦଶମୀ ଦିନ ଶମୀବୃକ୍ଷ ପୂଜା ମଧ୍ୟ ହୋଇଥାଏ । ପାଣ୍ଡବମାନେ ବନବାସ ସମୟରେ ଶମୀବୃକ୍ଷ ଗହ୍ୱରରେ ଶସ୍ତ୍ରସମୂହ ରଖିଥିଲେ । ବନବାସ ପୂର୍ଣ୍ଣ ହେବା ପରେ ଶସ୍ତ୍ର ଏହି ବୃକ୍ଷରୁ ବାହାର କରିଥିଲେ । ସେହି ଦିନ ଥିଲା ବିଜୟାଦଶମୀ । ନବରାତ୍ର ଆରମ୍ଭ ହେବା ସହିତ ବିଭିନ୍ନ ସ୍ଥାନରେ ରାମଲୀଳା ସହିତ ରାବଣ ପୋଡ଼ି ଉତ୍ସବ ପାଳନ ହୁଏ ।

ଉତ୍କଳରେ ଦଶଭୂଜା ମୃନ୍ମୟୀ ମୂର୍ତି ବଙ୍ଗୀୟ ମତରେ ପୂଜିତ, ଉତ୍କଳୀୟ ମତରେ, ଦୁର୍ଗାଙ୍କର ମୂର୍ତି ଚତୁଭୂଜା, ଅଷ୍ଟଭୂଜା ଓ ଫୋଡ଼ସଭୂଜା ହେବା ବିଧି ଅଟେ । ପୁରୀର ଗଜପତି ରାଜା ତୃତୀୟ ଦିବ୍ୟସିଂହ ରେ (୧୮୭୬ ସାଲ) ରେ ଚୈତ୍ରଯାତ୍ରା ବା ବାସନ୍ତିୟ ଦୁର୍ଗା ପୂଜା ଅବସରରେ ଇଂରେଜ ସରକାରଙ୍କ ଚକ୍ଷୁଶୂଳ ହୋଇଥିଲେ । ଏହି ଉତ୍ସବରେ ୨୫ ହଜାର ପାଇକ ଲକ୍ଷ ଲକ୍ଷ ଜନତାଙ୍କ ସମ୍ମୁଖରେ ରଣହୁଙ୍କାର ଦେଇ ଚୈତ୍ରଯାତ୍ର ପାଳନ କରୁଥିଲେ । ଜଣେ ସାଧୁଙ୍କ ମୃତ୍ୟୁ କାରଣରୁ ରାଜଗୁରୁ ହତ୍ୟା ଅପରାଧରେ କଳାପାଣି ପାର ଆଦେଶ ଇଂରେଜ ସରକାର ଦେଇଥିଲେ । ସେହି ଦିନ ଠାରୁ ଉତ୍କଳୟ ଦଶହରା ବା ଚୈତ୍ରଯାତ୍ର ବନ୍ଧ ହୋଇ ଯାଇଥିଲା । କାଳକ୍ରମେ କିଛି ବଙ୍ଗୀୟ ଲୋକ ଆମୋଦ-ପ୍ରମୋଦ ନିମିତ ଦୁର୍ଗାପୂଜା ଆରମ୍ଭ କରିଥିଲେ, ପରେ ତାହା ଉତ୍କଳର ବହୁ ଅଚଂଳ ବ୍ୟାପିଥିଲା । ଉତ୍କଳୀୟ ମତରେ ଦୁର୍ଗାଙ୍କର ଧ୍ୟାନର ମନ୍ତ୍ର ୯ଅକ୍ଷର, କିନ୍ତୁ ବଙ୍ଗୀୟ ବିଧିରେ ଧ୍ୟାନର ମନ୍ତ୍ର ୬ ଅକ୍ଷର । ଉତ୍କଳୀୟ ସଂସ୍କୃତିର ପୁନରୁଦ୍ଧାର ପାଇଁ ଗବେଷକଗଣ ଅଧିକ ଗବେଷଣା କରିବା ଉଚତ୍ । ଯାହା ଫଳରେ ଉତ୍କଳୀୟ ସଂସ୍କୃତିର ସ୍ୱାଧିନତା ପୁନରୁଦ୍ଧାର କରା ଯାଇ ପାରବ ।

ଦେବୀ ଦୁର୍ଗା ଶକ୍ତମୟୀ, ଶକ୍ତିବିନା ବ୍ୟକ୍ତି ତଥା ସମାଜର ପ୍ରଗତି ଅସମ୍ଭବ ଦୁର୍ଗତି ହାରିଣୀ ଦୁର୍ଗା "ମା'ଙ୍କର ଆଶ୍ରିର୍ବାଦରେ ଦାନବୀୟ ପ୍ରବୃତିର ବିନାଶ ଘଟି ଦେବୀ ପ୍ରବୃତିର ବିକାଶ ଘଟୁ ।

+ପାରାଦ୍ୱୀପ
ଗଡ଼,କୁଜଙ୍ଗ, ଜଗତସିଂହପୁର
ମୋ-୯୯୩୭୬୯୧୪୭୫

# ଶକ୍ତି ସ୍ୱରୂପିଣୀ ମା' ଜଗଜ୍ଜନନୀ



## ସୁଷମା ପରିଜା

ମା' ଦୁର୍ଗା ହେଉଛନ୍ତି ଶକ୍ତି ସ୍ୱରୂପିଣୀ, ମୋକ୍ଷ ଦାତ୍ରୀ, ସିଦ୍ଧିଦାତ୍ରୀ, ଅଭୟ ଦାୟିନୀ, ହାସ୍ୟମୟୀ ଲାସ୍ୟମୟୀ, ମଙ୍ଗଳମୟୀ, ଜଗତ କଲ୍ୟାଣୀ।ସେ ଆଦି ଶକ୍ତି, ଆହ୍ଲାଦିନୀ, ବିଘ୍ନନାଶିନୀ। ସତ୍ୟ ଯୁଗ ରୁ ଆରମ୍ଭ କରି ପରବର୍ତ୍ତୀ ତିନି ଯୁଗରେ ତାଙ୍କର ମହିମା ବ୍ୟାପ୍ତ ହୋଇଛି। ସ୍ୱୟଂ ସଚ୍ଚିଦାନନ୍ଦଙ୍କ କ୍ରିୟାରୂପ ହିଁ ଶକ୍ତି। ଶକ୍ତି ହେଉଛନ୍ତି ଏ ସୃଷ୍ଟି ର ମୂଳାଧାର। ଶକ୍ତି ବିହୁନେ ଶ୍ରି ମଧ ଶବ, ଶକ୍ତି ବିନା ସଚରାଚର ଜଗତ ଅସାର। ମହିମାମୟୀ ମା' ରୂପେ ସେ ସକଳ ପୂର୍ଣ୍ଣତା ପ୍ରଦାୟିନୀ। ପରମେଶ୍ୱରଙ୍କ ଶକ୍ତି ବହୁବିଧ ହେଲେ ମଧ ଶାସ୍ତ୍ରରେ ଅନ୍ତରଙ୍ଗା, ତଟସ୍ଥା ଓ ବହିରଙ୍ଗା ଏହି ତ୍ରିବିଧ ଶକ୍ତିର ବର୍ଣ୍ଣନା ରହିଛି । ଅନ୍ତରଙ୍ଗା ପ୍ରଭୁଙ୍କ ସ୍ୱରୂପ ଶକ୍ତି। ଏହା ପରମଙ୍କ ଆନନ୍ଦାଂଶ, ଚିଦ୍‌ଂଶ ଓ ସତ୍ ଅଂଶ । ତଟସ୍ଥା ଶକ୍ତି ଅନନ୍ତ, ଅସଂଖ୍ୟ ଓ ସକଳ ଜୀବଗଣ ଏହାର ଅନ୍ତର୍ଭୁକ୍ତ । ଆମର ଏ ଦୃଶ୍ୟମାନ ଜଗତର ସବୁକିଛି ଭୌତିକ ପ୍ରକୃତି ହେଉଛି ବହିରଙ୍ଗା ଶକ୍ତି । ମା'ଦୁର୍ଗା ଜୀବ ଜଡରୁ ସମସ୍ତଙ୍କ ମଧରେ ଆଦ୍ୟାଶକ୍ତି ରୂପରେ ବିରାଜିତା।

ଦେବୀ ପୁରାଣ ଅନୁସାରେ ପ୍ରଭାତ ସମୟରେ ସୂର୍ଯ୍ୟଙ୍କ ଉଦୟରେ ଅନ୍ଧକାର ବିନାଶ ହେଲା ପରି ଦେବୀ ଦୁର୍ଗାଙ୍କ ନାମ ପୁନଃ ପୁନଃ ଉଚ୍ଚାରଣ କଲେ ସମସ୍ତ ପ୍ରକାର ବାଧାବିଘ୍ନ ବିନାଶ ହୋଇଥାଏ। ସକଳ ସୃଷ୍ଟି, ସ୍ଥିତି ଓ ମଙ୍ଗଳ ର ଅଧିକାରିଣୀ ହେଉଛନ୍ତି ମା'ଦୁର୍ଗା। ସେ ହିଁ ସର୍ବଶକ୍ତିମୟୀ ଆଦିମାତା ଓ ସଚରାଚର ଜଗତରେ ବିଭିନ୍ନ ନାମରେ ଚିରବନ୍ଦିତା।

ମା'ଯୋଗମାୟା ଆଦ୍ୟାଶକ୍ତି ଦୁର୍ଗାଙ୍କ ତେଜରେ ଜୀବକୁ ଅନନ୍ତ ଶକ୍ତିର ଉତ୍ସ ମିଳିଥାଏ।ସେ ମାତୃଶକ୍ତି, ଆଦିଶକ୍ତି, ପୁଣି ସେ ସୃଷ୍ଟି, ଜୀବନ, ମୃତ୍ୟୁ, ମୁକ୍ତି, ନିର୍ବାଣ, ଶ୍ରଦ୍ଧା, ପ୍ରେମ, ଭକ୍ତି ସବୁର ଆରାଧ୍ୟା ଦେବୀ। ପୁଣି ମହାଭୟ ବିନାଶକାରିଣୀ,ମହାସଙ୍କଟ ନିବାରିଣୀ, ମହା କାରୁଣ୍ୟମୟୀ ରୂପେ ପ୍ରତିଷ୍ଠିତା ମହାଦେବୀ।

ଶ୍ରୀମଦ୍ ଭାଗବତରେ ଶ୍ରୀକୃଷ୍ଣଙ୍କ ଜନ୍ମ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛିଯେ ଦେବକୀଙ୍କ ଗର୍ଭରୁ ଭଗବାନ ସମସ୍ତ ଅଂଶାବତାରସହ ପୂର୍ଣ୍ଣ ସ୍ୱରୂପରେ ଏବଂ ଯୋଗମାୟା ତାଙ୍କ ର ଦିବ୍ୟ ସ୍ୱରୂପରେ ଯଶୋଦାଙ୍କ ଗର୍ଭରୁ ଆବିର୍ଭୁତ ହେଲେ।

'ଦେବୀ ଭାଗବତ' ରେ ଦୁର୍ଗାଙ୍କ ମହିମା ବର୍ଣ୍ଣନା କରାଯାଇ ଲେଖାଅଛି ଯେ ଜଳର ଶୀତଳତା, ଅଗ୍ନିର ଦାହକରଣ, ଚନ୍ଦ୍ରର ନିର୍ମଳତା, ସୂର୍ଯ୍ୟଙ୍କର ପ୍ରଖରତା ରୂପକ ଶକ୍ତି ହିଁ ମା'ତୁମେ, ପୁଣି ତୁମେ ମଧ ପରଂବ୍ରହ୍ମ ସ୍ୱରୂପିଣୀ ମା'ଆଦ୍ୟା ସନ୍ୟାତନୀ ଦେବୀ ଅମ୍ବିକା।

ଏ ସଚରାଚର ଜଗତରେ ଭଗବତ ଦେବୀ ଦୁର୍ଗା ହେଉଛନ୍ତି ଏକମାତ୍ର ଶକ୍ତି, ଯିଏ ସକଳ ଶକ୍ତିରୁ ଆବିର୍ଭୂତା, ସେ ହେଉଛନ୍ତି ସକଳ ଶକ୍ତିର ଆଦିକାରଣ।

ଶ୍ରୀଚଣ୍ଡୀରେ ଆଦ୍ୟା ସନାତନୀ ଦେବୀ ଦୁର୍ଗାଙ୍କୁ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପେ ପ୍ରତିଷ୍ଠା କରାଯାଇଛି। ବିଭିନ୍ନ ରୂପରେ ପରିକଳ୍ପିତା ହେଲେ ମଧ ଦେବୀ ଦୁର୍ଗା 'ମହାଶକ୍ତି 'ରୂପରେ ହିଁ ଆରାଧ୍ୟା।

ପୁରାଣ ମତେ ଦୁର୍ଗ ରାକ୍ଷସ ବ୍ରହ୍ମାଙ୍କଠାରୁ ବରପ୍ରାପ୍ତ ହୋଇ ଭୀଷଣ ଶକ୍ତିଶାଳୀ ଓ ଅତ୍ୟାଚାରୀ ହୋଇ ଉଠିଲା । ନିଜ ବାହୁବଳ ରେ ତ୍ରିଲୋକ ଜିଣିବା ପରେ ସେ ଦେବଗଣଙ୍କୁ ବନ୍ଦୀକରି ନିଜ ଦୁର୍ଗର କାଳ କୋଠରୀରେ ବନ୍ଦକରି ନିତ୍ୟ ନିର୍ଯ୍ୟାତନା ଦେବାରେ ଲାଗିଲା । ଭୀତତ୍ରସ୍ତ ହୋଇ ସମସ୍ତ ଦେବତା ଏକତ୍ରିତ ହୋଇ ମହାଶକ୍ତିଙ୍କୁ ପ୍ରାର୍ଥନା କଲେ । ସେମାନଙ୍କ ଆକୁଳ ପ୍ରାର୍ଥନା ଶୁଣି ମା' ଯୋଗମାୟା ଆବିର୍ଭୂତ ହୋଇ ନିଜ ଅଗ୍ନିଗର୍ଭା ନେତ୍ରରେ ଦୁର୍ଗମର ଦୁର୍ଗ ଧ୍ୱଂସ କରି ଦେବଗଣଙ୍କୁ ଉଦ୍ଧାର କଲେ । ଯେତେବେଳେ ଦୁର୍ଗ ମା'ଙ୍କୁ ଆକ୍ରମଣ କରିବାକୁ ଆସିଲା ମା' ସହସ୍ରଭୂଜା ହୋଇ ଅସୁମାରି ଶସ୍ତ୍ର ଧାରଣ କରି ରାକ୍ଷସକୁ ବଧ କଲେ । ସେହିଦିନଠାରୁ ସେ ଦୁର୍ଗତି ନାଶିନୀ ଦୁର୍ଗା ଭାବେ ପୂଜିତ ହେଲେ । ସିଂହ ଉପରେ ବସି ସେ ଚତୁର୍ଭୁଜା, ଅଷ୍ଟଭୁଜା ବା ଏପରିକି ସହସ୍ରଭୁଜା ମଧ ହୋଇପାରନ୍ତି, କିନ୍ତୁ ସବୁବେଳେ ତାଙ୍କର ଗୋଟିଏ ହାତ ବରଦା ବା ଶାନ୍ତ ମୁଦ୍ରାରେ ଶୋଭିତ ଥାଏ ।



ମା' ରୂପରେ ଭକ୍ତ ଓ ଶରଣାଗତ ମାନଙ୍କ ପାଇଁ ସେ ଅଭୟା, ଦୟାମୟୀ ଓ ବରଦ, କରୁଣାମୟୀ । କିନ୍ତୁ ଦୁରାଚାରୀ, ରାକ୍ଷସ ସ୍ୱଭାବର ବ୍ୟକ୍ତି, ମାନଙ୍କ ପାଇଁ ସେ ଭୟଙ୍କରୀ ଘୋରରୂପା, କାଳରାତ୍ରି । ମର୍ତ୍ତ୍ୟଲୋକ ରେ ବସନ୍ତ ଓ ଶରତ ଋତୁରେ ବିଶେଷ ଭାବେ ଦେବୀ ଆରାଧନା କରାଯାଏ। ଚୈତ୍ର ଶୁକ୍ଳ ଏବଂ ଆଶ୍ୱିନ ଶୁକ୍ଳ ପ୍ରତିପଦଠାରୁ ନବମୀ ପର୍ଯ୍ୟନ୍ତ ନବଗୌରୀ ବା ନବଦୁର୍ଗା (ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଧମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ)ଙ୍କ ପୂଜା ଅନୁଷ୍ଠିତ ହୋଇଥାଏ।ଜୟ ମା' ଆଦିଶକ୍ତି!!

+ଶାରଳା ଭବନ ପୋତା
ପୋଖରୀ କଟକ-୪

## କବିତା କୋଣାର୍କ

### ଆସ ମହାମାୟା

**ଜଗମୋହନ ପ୍ରଧାନ**



ହେ ମହିଷାମର୍ଦ୍ଦିନୀ ଦୂର୍ଗତିନାଷିନୀ
ଦଶଭୁଜା ଧରି
ଆସିଲୁ ତୁ ଅବତାରି,
ଗୋଟିଏ ମାରିଲୁ କୋଟିଏ ଜନ୍ମିଲେ
ମହିଷାସୁର ଠୁ ବି ବଳି..।
ରକ୍ତ ମାଂସ ସବୁ ଝୁଣି ଖାଇ ଗଲେ
ଦେହର ଭୋକରେ ରହି
ଆଲୋକ ଆଗରେ
ଧବଳ କୋମଳ କାଶତଣ୍ଡୀ ସାଜିଲେ
ଗୋଲାପ ପରି ପ୍ରେମ ସେ ବାଣ୍ଟିଲେ
ଆଉ ଅନ୍ଧାର ଭିତରେ..
ଶିକୁଳି ବାନ୍ଧିଲେ
ନାରୀର ହାତରେ ପାଦରେ
ଉଲଗ୍ନ କଲେ ସମାଜ ଆଗରେ
ଆଞ୍ଜୁଳା ଆଞ୍ଜୁଳା ରକ୍ତ ପିଇଗଲେ
ଚିତ୍କାର ଶୁଣିଲେ
ନା ବୁଝିଲେ ଯନ୍ତ୍ରଣା
ଦେହର ଭୋକରେ ବୁଡ଼ି ରହିଗଲେ
ନର ରାକ୍ଷାସ ସାଜି ନାରୀକୁ ଝୁଣିଲେ।

ଦେଖି ପାରୁଛୁ କି ନାହିଁ ତୁ ମା ଏ ସମାଜକୁ
ଏ ନର ରୂପି ରାକ୍ଷାସ ଗଣକୁ
ଦଶ ଭୁଜା ନୁହେଁ
ସହସ୍ର ଭୁଜା ଧରି ଆସିବୁ କି ଓହ୍ଲାଇ
ନୂଆ ଅବତାର ନେଇ
ସହସ୍ର ଅସ୍ତ୍ର ଧରି
ଏ ଧରା ଧାମକୁ
ରକ୍ତାକ୍ତ କରିଦେ ଏ ଧରିତ୍ରୀ
ସହ ସହ ମୁଣ୍ଡ ଗଡ଼େଇ ଦେ
ଦେଖୁ ତୋ ବିକଟାଳ ରୂପ
ଆଉ ଥରେ ଏ ଦୁନିଆ
ବୁଝୁ ତୋ ନୂଆ ଅବତାରର ମୂଲ୍ୟ
ଦେଇଦେ ମୁକ୍ତି ଏ ସମାଜକୁ
ଏ ନର ରାକ୍ଷାସ କବଳରୁ
ହେ ମହିଷାମର୍ଦ୍ଦିନୀ ଦୂର୍ଗତିନାଷିନୀ
ଶକ୍ତି ରୂପୀ ନାରାୟଣୀ
ଆଉ ଥରେ ଆସ ନୂଆ ଅବତାର
ନେଇ।

+ଶକୁନ୍ତଳାପୁର, ଯାଜପୁର



### ଦେବୀ

**ଲତିକା ମହାପାତ୍ର**

ତୋ ଦୃଷ୍ଟିର କୋମଳ ଆଘାତରେ
ମୁଁ ଜୀବନ୍ୟାସ ପାଏ
ସଞ୍ଚରି ଯାଏ ଜୀବନୀ ଶକ୍ତି
ମାଟିର ପିଣ୍ଡରେ ମୋର
ବିଦ୍ୟୁତ ଚମକ
ଲାବଣ୍ୟର କୁହୁକ ଭଣ୍ଡାର
ଅବ୍ୟକ୍ତ ଅଦ୍ଭୁତ ବର୍ଣ୍ଣାଢ୍ୟ
ପ୍ରାଣର ପ୍ରବଳ ପ୍ରବାହ
କେମିତି କୁହାଯାଏ କରାଯାଏ
ଏ ମହାଭାବର ବ୍ୟାଖ୍ୟା!!
ଟେଳାଏ କର୍ଦ୍ଦମାକ୍ତ ମାଟିରୁ
ମୁଁ ପାଲଟେ ଦେବୀ
ଅପରୂପା ଅନନ୍ତ ଯୌବନା..
ଅବ୍ୟକ୍ତ ତୋ ପ୍ରୀତିର ବିଭୂତି
ଚିରକାଳ ରହୁ ଏଇମିତି
ମୁଁ ବାରମ୍ବାର ମରି
ପୁଣି ଜୀଇଁ ଉଠୁଥାଏ
ତଲ୍ଲୀନ ହୋଇଉଠୁଥାଏ
ଜୀବନର ମାନେ ଖୋଜିପାଉଥାଏ..

+ତାଳଚେର


# ଦୁର୍ଗେ ଦୁର୍ଗତି ନାଶିନୀ


ସତ୍ୟ ମହାପାତ୍ର


ମାନବ ନିଜର ଶାନ୍ତି ପାଇଁ ତଥା ସତ୍ ଉପାୟରେ ଟିକିଏ ଆନନ୍ଦ ପାଇଁ ତିଥି-ବାରକୁ ନେଇ ପାଳନ କରେ ଅନେକ ପର୍ବପର୍ବାଣି । ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ପାଳିତ ହୁଏ ନିର୍ଦ୍ଦିଷ୍ଟପର୍ବ । ସେହିପରି ଦୁର୍ଗାପୂଜାର ତିଥି । କେଉଁ ପ୍ରାଚୀନକାଳରୁ ଅନୁଷ୍ଠିତ ହୋଇଆସୁଛି ଦୁର୍ଗାପୂଜା । ଦୁର୍ଗାପୂଜା କେତେକ ସ୍ଥାନରେ ୧୬ଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ପାଳିତହୁଏ । ଏହି ପାଞ୍ଚଦିନିଆପୂଜାରେ ବହୁ ବିଧି ଓ ନୀତିନିୟମ ଥିଲେ ହେଁ ସବୁରି ଭିତରେ ରହିଛି ଗୋଟିଏ ତାତ୍ତ୍ୱିକ ଓ ଗୂଢ଼ ରହସ୍ୟ । ସେ ସବୁକୁ ଗୋଟିଗୋଟିକରି ଆଲୋଚନା କରାଗଲେ ଏହି ସ୍ପଷ୍ଟୀକରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା । ପ୍ରକୃତିରପୂଜା । ଦୁର୍ଗାଙ୍କ ନିକଟରେ ଥିବା ପାର୍ଶ୍ୱ ଦେବଦେବୀବୃନ୍ଦ ଆଉ କେହି ନୁହନ୍ତି; ସମସ୍ତେ ପ୍ରକୃତିର ଗୋଟିଏ ଗୋଟିଏ ଅଂଶ ।

ପ୍ରଥମେ ଷଷ୍ଠୀର ତିଥିର ବୋଧନକୁ ଲକ୍ଷ୍ୟକରାଯାଉ । ପନ୍ଦରଟି ତିଥିକୁ ପାଞ୍ଚ ପାଞ୍ଚ କରି ୩ଭାଗ କରାଯାଏ । ଯଥା ନନ୍ଦା, ଭଦ୍ରା, ଜୟା, ରିକ୍ତା ଓ ପୂର୍ଣ୍ଣା । ଚେତନାରେ ତିନୋଟି ଭୂମିରେ ଏହିମାନେ ହେଲେ ତିନୋଟି ପଞ୍ଚକ । ପ୍ରଥମ ଭୂମିରେ ଆମ୍ଭମାନଙ୍କର ଆତ୍ମ ଚୈତନ୍ୟଥାଏ । ଏହା ଜାଗ୍ରତ ଅବସ୍ଥାରେ ନଥାଏ କିନ୍ତୁ ଶକ୍ତି ଜାଗିଥାଆନ୍ତି ଏବଂ ତିଥି ବାର କର୍ମ ଠିକ୍ ଭାବରେ ଚାଲିଥାଏ । ଏ ସମସ୍ତ କାର୍ଯ୍ୟ ଆମ ଅଗୋଚରରେ ହୋଇଥାଏ । ଯେପରି ଏହା ଶୈଶବ ଅବସ୍ଥା । ଦ୍ୱିତୀୟ ଅବସ୍ଥାରେ ଆମର ଆତ୍ମଚୈତନ୍ୟ ଜାଗ୍ରତ ହୁଏ । ସାଧନା ସେହିଠାରୁ ଆରମ୍ଭ ହୁଏ । ଯେତେବେଳେ ବୋଧନ ହେବା ଉଚିତ୍ । ଷଷ୍ଠୀ ତିଥି ନନ୍ଦା । ଦେବୀ ନନ୍ଦା ବା ଆନନ୍ଦମୟୀ ସେତେବେଳେ ବାଳିକା । ଭଦ୍ରା ତିଥିରେ ସେ ସୁମଙ୍ଗଳା, କୈଶୋରୀ । ଜୟା ତିଥିରେ ତାଙ୍କର ଶକ୍ତିରୂପର ପ୍ରକାଶ । ସେ ତରୁଣୀ । ରିକ୍ତାରେ ସେ ଯୋଗିନୀ । ପୂର୍ଣ୍ଣାରେ ସେ ସମର୍ଥା ଯୁବତୀ । ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ତାଙ୍କର ଆରାଧନା ଏହିଭାବ ଧରି କରାଯାଏ । ବିଲ୍ୱମୂଳରେ ବୋଧନ କାହିଁକି କରାଯାଏ !

ଶାସ୍ତ୍ରରେ କେତେଗୁଡ଼ିଏ ଦିବ୍ୟ ବୃକ୍ଷର ପ୍ରମାଣ ରହିଛି । ପୁରୁଷଙ୍କ ନିମିତ୍ତ ସେହି ବୃକ୍ଷକୁ ବ୍ରହ୍ମବୃକ୍ଷ ଓ ପ୍ରକୃତି ବା ଶକ୍ତି ନିମିତ୍ତ ସେହି ବୃକ୍ଷକୁ କୁଳବୃକ୍ଷ ବୋଲି କୁହାଯାଏ । କିନ୍ତୁ ବିଲ୍ୱକୁ ଉଭୟ ବ୍ରହ୍ମବୃକ୍ଷ ଓ କୁଳବୃକ୍ଷ ବୋଲି କୁହାଯାଏ । ବାସ୍ତବରେ ଦେବୀଙ୍କର ମୃଣ୍ମୟୀ ମୂର୍ତ୍ତିର ପୂଜାର୍ଚ୍ଚନା ଯେମିତି ଭାବଗର୍ଭକ ସେହିପରି ମନ୍ତ୍ର ମୂର୍ତ୍ତିର ଜ୍ଞାନ ମଧ୍ୟ ଜରୁରୀ । ଦେବୀଙ୍କର ଯେଉଁ ମନ୍ତ୍ରମୂର୍ତ୍ତି ତାହା ଉର୍ଦ୍ଧ୍ୱ ତ୍ରିକୋଣ ଓ ଅଧଃ ତ୍ରିକୋଣ ଦୁଇଟିର ସମନ୍ୱୟରେ ଗଠିତ ହୁଏ । ମୁଖମଣ୍ଡଳରୁ ତୃତୀୟନୟନକୁ ମୋଟ ଉର୍ଦ୍ଧ୍ୱବିନ୍ଦୁ ଓ ଦୁଇଟି ସ୍ତନକୁ ଦୁଇଟି ସମତଳ ଅଧୋବିନ୍ଦୁକୁ କଳ୍ପନା କରି ଯେଉଁ ତ୍ରିକୋଣହୁଏ ତାହା ଉର୍ଦ୍ଧ୍ୱତ୍ରିକୋଣ । ଏହା ଅଗ୍ନିରୂପ । ଯୋନି ଅଧଃତ୍ରିକୋଣ । ଏହା ତାଙ୍କର ସୋମ(ଚନ୍ଦ୍ର) ରୂପ । ବିଲ୍ୱବୃକ୍ଷର ପତ୍ର ତ୍ରିଶାଖା । ଦୂର୍ବା ତ୍ରିଶୂଳ ଭଳି । ଏହା ହେଲା ଯୋନିର ପ୍ରତୀକ । ବିଲ୍ୱଫଳ ସ୍ତନର ପ୍ରତୀକ । ମୁଖକୁ ବୃକ୍ଷର ଅଗ୍ରଭାଗରୂପେ କଳ୍ପନାକରାଯାଏ । ତେଣୁ ବିଲ୍ୱବୃକ୍ଷରେ ଉର୍ଦ୍ଧ୍ୱ ଏବଂ ଅଧଃ



ଦୁଇଟି ତ୍ରିକୋଣର ସମାହାର ଦେଖାଯାଇଥାଏ । ଏହି ବୃକ୍ଷ କଣ୍ଟକବୃକ୍ଷ ବୋଲି ସ୍ପର୍ଶ କରିବା କଷ୍ଟ । ଦେବୀ ଆଗମ୍ୟାକୁମାରୀ । ଏହା ତାଙ୍କର ବ୍ରହ୍ମଭାବ । ଏହି ବୃକ୍ଷରେ ଅଗ୍ନି ଓ ସୋମର ବ୍ରହ୍ମ ଏବଂ ଶକ୍ତିର ସମନ୍ୱୟ ହୋଇଛି ବୋଲି ଏହି ବୃକ୍ଷକୁ ସ୍ୱଦେହ ଭାବନା କରି ତା'ର ମୂଳରେ ଅର୍ଥାତ୍ ମୂଳାଧାରରେ ଦେବୀଙ୍କର ବୋଧନ କରାଯାଏ । ଏହା ହେଲା ବୋଧନର ରହସ୍ୟ ।

ଦୁର୍ଗା ପୌରାଣିକ ଦେବୀ । ପୁରାଣ ବେଦରୁ ଭିନ୍ନ ନୁହେଁ । ଏହି ଦେବୀ ବେଦରେ ଅଦିତି ତନ୍ତ୍ରରେ ସେ ମହାଶକ୍ତି ବା ମହାମାୟା । ପ୍ରଥମ ଚରିତ୍ରରେ ବିଷ୍ଣୁମାୟା ବିଷ୍ଣୁ ଆଦିତ୍ୟ ବିଷ୍ଣୁ ଦେବଃ ଦେବ ବିଷ୍ଣୁମାୟା । ଏହାଙ୍କୁ ଭଗ ନାମରେ ପରିଚିତ କରାଯାଏ । ଭଗରୁ ଭଗବାନ ଶବ୍ଦ ଆସିଛି । ତହିଁରୁ ଭାଗବତ୍ ସମ୍ପ୍ରଦାୟ । ଅସୁର ଅବିଦ୍ୟା । ଅବିଦ୍ୟାର ନାଶ ଦେବକୃତ୍ୟ । ଦେବୀ ଦୁର୍ଗାଙ୍କ ମଧ୍ୟରେ ଆମ୍ଭେମାନେ ଅସୁରଘାତିନୀ ମହାଶକ୍ତିଙ୍କର ପୂଜାକରୁ । ଏହା ଅତି ପ୍ରାଚୀନ । 'ଭଗ' ନାମରେ ଯେଉଁ ଆଦିତ୍ୟ ତାଙ୍କର ଦୁଇଟି ପତ୍ନୀଙ୍କ କଥା ବେଦରେ ଅଛି । ଶ୍ରୀ ଏବଂ ଲକ୍ଷ୍ମୀ । ଶ୍ରୀ ସରସ୍ୱତୀ ବା ପ୍ରଜ୍ଞା । ଏହି ପ୍ରଜ୍ଞା ଏବଂ ଲକ୍ଷ୍ମୀ ମଧ୍ୟ ଦେବୀଙ୍କର ବଭୂତି ରୂପରେ ତାଙ୍କ ନିକଟରେ ସ୍ଥାନ ପାଇଛି । କୁମାର ଅଗ୍ନିର ଗୋଟିଏ ବିଶେଷଣ । କୁମାର ହେଉଛି କାର୍ତ୍ତିକଙ୍କର ଅନ୍ୟନାମ । କୃତ୍ତିକା ନକ୍ଷତ୍ର, ଅଗ୍ନି ନକ୍ଷତ୍ର, ଦେଖିବାକୁ ଅଗ୍ନିପୁଞ୍ଜ ସଦୃଶ । ସମ୍ବତ୍ସରର ଆଦି ବେଳ ଗଣା ହୁଏ ବୋଲି ଦେବାଦି ଅଗ୍ନି ତା'ର ଅଧିଷ୍ଠାତା । ଅଗ୍ନିର ଶକ୍ତି ବାକ୍ ତେଣୁ ବାଚସ୍ପତି ଅଗ୍ନିର ଅନ୍ୟଏକ ନାମଅଟେ । ବୃହସ୍ପତି ହିଁ ଋକ୍ ସଂହିତାରେ ଗଣପତି ବୋଲି ପରିଚିତ । ସେ ହିଁ ପୁରାଣରେ ଗଣେଶ । ଦେବୀ ଯଦି ଅଦିତି ହୋଇଥାଆନ୍ତି ଆଦିତ୍ୟମଣ୍ଡଳ ତାଙ୍କର ପ୍ରତ୍ୟକ୍ଷ ଦୃଷ୍ଟ ପ୍ରତିରୂପ ହୋଇଥାଏ । ବୃତ୍ର ବା ଅନ୍ଧକାର ନାଶ ଯଦି ତାଙ୍କର ପ୍ରଧାନ କର୍ତ୍ତବ୍ୟ ହୋଇଥାଏ, ତାହାହେଲେ ତାଙ୍କର ଦଶଭୁଜା ହେବାର ତାତ୍ପର୍ଯ୍ୟ ବୁଝିହୁଏ । ଆଦିତ୍ୟଙ୍କର କିରଣକୁ କର କୁହାଯାଏ । ଗୋଟିଏ ବିମ୍ବରୁ କର ଗୁଡ଼ିକ ଚାରିଦିଗକୁ ଖେଳିଯାଉଛି । ହିନ୍ଦୁମାନଙ୍କର ଦେବତାଙ୍କର ବହୁକର । କିନ୍ତୁ ବହୁ ଚରଣ ନୁହେଁ । ଦେବତା ଯଦି ପୁଞ୍ଜଜ୍ୟୋତି ତାହାହେଲେ ତାଙ୍କର କିରଣଗୁଡ଼ିକ କର ବା ହସ୍ତ । ପୁନଶ୍ଚ ଦଶଭୁଜା ଦୁର୍ଗା ଆଦିତ୍ୟ ବିମ୍ବଙ୍କର ଶିଳ୍ପ ସମ୍ଭୂତ ରୂପ । ଅଗ୍ନି ଶକ୍ତିର ଦୁଇଟି ରୂପ । ଗୋଟିଏ କର୍ମ ଓ ଅନ୍ୟଟି ପ୍ରଜ୍ଞା । କର୍ମଦ୍ୱାରା ଅସୁର ବଧ ହେଲାବେଳେ ପ୍ରଜ୍ଞାଦ୍ୱାରା କାର୍ତ୍ତିକ ଓ ଗଣପତିଙ୍କ ପରିଚୟ ମିଳେ । ଆଦିତ୍ୟଙ୍କର ପ୍ରଜ୍ଞା ଓ ଆନନ୍ଦ ଶକ୍ତି ସରସ୍ୱତୀ ଏବଂ ଲକ୍ଷ୍ମୀଙ୍କ ମଧ୍ୟରେ ଦେବୀ ଅଦିତି ବା ମହାଶକ୍ତି ଦେବୀଙ୍କର ରୂପ ହିରଣ୍ମୟୀ ଓ କାଳୀ । ବେଦରେ ଅଦିତି ପୃଥିବୀ ସେ ହିରଣ୍ୟବକ୍ଷାଃ । ତାଙ୍କର ଦୁଇଟି ମିଥୁନରୂପ । ଶିବ ଶକ୍ତି ଓ କୃଷ୍ଣ ରାଧା । ସଗୁଣ ଓ ନିର୍ଗୁଣଭାବ ରହିଛି । ନିର୍ଗୁଣ ଦଶା ଶିବ ଓ ସଗୁଣ ଦଶା ହେଉଛି ଗୌରୀ । ପ୍ରେମର ନିର୍ଗୁଣ ଦଶା ରାଧା । ସଗୁଣ ଦଶା କୃଷ୍ଣ ଅଟନ୍ତି । ଗୌରୀ ଦୁର୍ଗା ହୋଇ ଅସୁର ବଧ କରୁଛନ୍ତି ଶିବ ସାକ୍ଷୀ ରୂପ ହୋଇ ଦେଖୁଛନ୍ତି । ସେହିପରି ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ଦୁଷ୍କୃତ ବିନାଶନ କାଳରୂପରେ ଆବିର୍ଭାବ ହୋଇଥାଆନ୍ତି । ନେପଥ୍ୟେ ରାଧା ବୃନ୍ଦାବନରେ ସମାହିତା ଏଣୁ ଦୁର୍ଗା ଓ କୃଷ୍ଣ ଗୋଟିଏ ତତ୍ତ୍ୱ ।

କେଉଁ ଅନାଦିକାଳରୁ ଶକ୍ତିପୂଜା ଉତ୍ତରଣର ଅଭିଯାତ୍ରା ଆଜି ବି ଅବ୍ୟାହତ । ଶକ୍ତି ଜାଗ୍ରତ ହେଲେ ସାଧାରଣ ମନୁଷ୍ୟ ଠାରୁ ଆରମ୍ଭ କରି ଯେ କୌଣସି ପ୍ରାଣୀ ଅସାଧାରଣ କାର୍ଯ୍ୟ କରିପାରେ । ସେଥିପାଇଁ ଶକ୍ତି ଆରାଧନାକୁ ଆହ୍ୱାନ କରାଯାଉଛି ଯୁଗେ ଯୁଗେ । ଭାରତୀୟ ଧର୍ମଜଗତରେ ଶାକ୍ତ ପରମ୍ପରା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ମହାଶକ୍ତିଙ୍କ ତତ୍ତ୍ୱ ଓ ମହାତ୍ମ୍ୟ ବର୍ଣ୍ଣନାରେ ବେଦ, ଉପନିଷଦ, ରାମାୟଣ, ମହାଭାରତ, ପୁରାଣ ଆଦି ଭାରତୀୟ ଧର୍ମଶାସ୍ତ୍ର ମାନଙ୍କରେ ପୃଷ୍ଠା ସୁଶୋଭିତ ।

ଦେବୀ ଦୁର୍ଗତିନାଶିନୀ । ମହାବିଘ୍ନ ବିନାଶିନୀ । ଭବବନ୍ଧନ, ଦୁଃଖଶୋକ ଓ ନରକ ଯନ୍ତ୍ରଣାରୁ ପ୍ରାଣୀମାନଙ୍କୁ ତାରଣ କରନ୍ତି ବୋଲି ସେ ଦୁର୍ଗା । ତାଙ୍କୁ ସ୍ମରଣ କଲାମାତ୍ରେ ସକଳ ଭୟ ଦୂର ହୁଏ । ଦୁଃଖର ଯଥାର୍ଥତାକୁ ଉପଲବ୍ଧି କରି ଦୁଃଖୀରଙ୍କିମାନଙ୍କ କ୍ଲେଶ ଅବିଳମ୍ବେ ଦୂର କରୁଥିବାରୁ କେବଳ ଦୁର୍ଗାଙ୍କୁ ହିଁ ଦୁର୍ଗତିନାଶିନୀ ବୋଲି ଅଭିହିତ କରାଯାଇଛି । ଶକ୍ତି ଆରାଧନା ସମୟକ୍ରମେ ଘଟରୁ ମୂର୍ତ୍ତିପୂଜାରେ ରୂପାନ୍ତରିତ ହୋଇଛି ।

ଦୁର୍ଗାପୂଜା ଏକ ମହାନ ଓ ପବିତ୍ର ବ୍ରତ । ଏହି ଅବସରରେ ଆଦ୍ୟାଶକ୍ତି ମା'ଙ୍କ ଆରାଧନା ଦ୍ୱାରା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ ହୁଏ । ସର୍ବ ସିଦ୍ଧି ଲାଭ ହୁଏ ଏବଂ ଶତ୍ରୁମାନେ ପରାଜିତ ହୁଅନ୍ତି । ମନୁଷ୍ୟ ଦୁଃଖ, ଦୁର୍ଗତିରୁ ନିସ୍ତାର ପାଇ ସୁଖ ଓ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ । ସମସ୍ତେ ନିଜ ଭିତରେ ଥିବା ଦୁଷ୍ଟ ଓ ଆସୁରିକ ପ୍ରବୃତ୍ତିକୁ ପରିତ୍ୟାଗ କରି ସତ୍ୟ ଓ ଆଲୋକ ପଥର ଅଭିଯାତ୍ରୀ ହେବା ପାଇଁ କାମନା କରିଥାନ୍ତି ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
ଦୂରଭାଷ : ୯୬୫୮୧୦୫୫୩୨


# 'ଯା ଦେବୀ ସର୍ବଭୂତେଷୁ କ୍ଷୁଧା ରୂପେଣ ସଂସ୍ଥିତା'
# ନବଧାଭକ୍ତି ଓ ନବରାତ୍ର ଚେତନା


ସୌର ଚନ୍ଦ୍ର ମହାପାତ୍ର


ଜଗତ୍‌ଜନନୀ ମା'ଦୁର୍ଗା । ସେ ଶକ୍ତି ସ୍ୱରୂପା, ମାତୃସ୍ୱରୂପା । ଦୁଷ୍ଟ ଶକ୍ତିର ବିନାଶ ପାଇଁ ଯୁଗେ ଯୁଗେ ସେ ଅବିର୍ଭୂତା । ଏବେ ଧରାବତରଣ କରିଛନ୍ତି ମହାମାୟୀ ମା' । ତାଙ୍କ ଆଗମନରେ ପ୍ରକୃତି ହୋଇଉଠିଛି ଶାନ୍ତ, ସୌମ୍ୟ, ନିର୍ମଳ । ବିଛାଇ ହୋଇଛି କାଶତଣ୍ଡୀର ଶ୍ୱେତବର୍ଣ୍ଣ ଗାଲିଚା । ମା'ଙ୍କ ଆଗମନରେ ଚଳଚଞ୍ଚଳ ହୋଇ ଉଠିଛି ଗାଁ ଠାରୁ ସହର । ସବୁଠି ଖେଳି ଯାଇଛି ପାର୍ବଣର ଅପୂର୍ବ ଦିବ୍ୟ ପରିବେଶ । ଅଭୟଦାୟିନୀ, ଶକ୍ତି ସ୍ୱରୂପିଣୀ, ଜଗତଜନନୀ ମା' ଆସିଛନ୍ତି ଭକ୍ତଙ୍କୁ ଆଶିଷ ଦେବା ପାଇଁ । ସପ୍ତଶତୀ ଚଣ୍ଡୀପାଠ, ଧୂପ, ଦୀପ, ଘଣ୍ଟଘଣ୍ଟା ନାଦରେ ପ୍ରକମ୍ପିତ ହୋଇଉଠୁଛି ଗଗନପବନ । ମା'ସଂହାର କରିବେ ମହିଷାସୁର ରୂପା ସଂସାରର ସମସ୍ତ ପାପାଚାରକୁ । ଅଧର୍ମ ଉପରେ ଧର୍ମର ଜୟ ଅସତ୍ୟ ଉପରେ ସତ୍ୟର ଜୟ ପାଇଁ ମା'ଙ୍କ ଆବିର୍ଭାବ । ମା' ଆଦ୍ୟାଶକ୍ତିଙ୍କୁ ଉପାସନା କରିବାର ଧାରା ଓଡ଼ିଶାରେ କାହିଁ କେଉଁ କାଳରୁ ପ୍ରଚଳିତ । ସରଳ ଗ୍ରାମ୍ୟ ମଣିଷଟିଏ ହେଉ ବା ତନ୍ତ ସାଧନାରେ ନିମଗ୍ନ ସାଧକଟିଏ, ଶକ୍ତିଙ୍କ ବିନା କିଛି ସାଧି ହୋଇପାରେନାହିଁ । ଶକ୍ତି ବିନା ଶିବ ଅସମ୍ପୂର୍ଣ୍ଣ । ଶିବଙ୍କ ତ୍ରିଶୂଳ, ଶ୍ରୀବିଷ୍ଣୁଙ୍କ ସୁଦର୍ଶନ ଚକ୍ର ମଧ୍ୟ ଶକ୍ତି ସ୍ୱରୂପା । ପ୍ରକୃତିକୁ ଆଦ୍ୟାଶକ୍ତି ମନେକରି ପଥରଟିକୁ ଦେବୀର ଆଖ୍ୟା ଦିଅନ୍ତି ଜନଜାତି । ଗାଁ ଚାଲିଚଳଣିରେ ସବୁ ଦୁଃଖସୁଖ ଓ ହାନିଲାଭର ସାକ୍ଷୀ ରହିଥାନ୍ତି ଗ୍ରାମଦେବତା । ସହରୀ ସଂସ୍କୃତିରେ ମା'ଶକ୍ତିଙ୍କ ଆରାଧନା ପାଇଁ ନିର୍ମିତ ହୋଇଛି ଅନେକ ମନ୍ଦିର ।

ଶ୍ରୀଦୁର୍ଗା ହିଁ ସ୍ୱୟଂ ସର୍ବଶକ୍ତି ସ୍ୱରୂପିଣୀ । ସେ ଆଦ୍ୟାଶକ୍ତି, ମହାମାୟା । ସେ ମହାଶୂନ୍ୟା, ବ୍ରହ୍ମମୟୀ, ଚିନ୍ମୟୀ । ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଓ କ୍ରିୟାଶକ୍ତି ତ୍ରିଶକ୍ତିର ଆଧାର ସେ । ଦୁର୍ଗା ହେଉଛନ୍ତି ସମଗ୍ର ମାନବୀୟ ଓ ଅମାନବୀୟ ଶକ୍ତିର ଚମର



ନିର୍ଯାସ । ଅପୂର୍ବ ଓ ଅନୁଭୂତ ସମନ୍ୱୟ । ନାରୀ ଜାତିର ସମସ୍ତ ଗୁଣ, ଶକ୍ତି, ସାହାସ, କ୍ଷମା, ସମ୍ମାନ ଓ ସୌନ୍ଦର୍ଯ୍ୟର ପ୍ରତୀକ ହେଉଛନ୍ତି ଦେବୀ ଦୁର୍ଗା । ମା'ଦୁର୍ଗାଙ୍କର ନଅଟି ସ୍ୱରୂପ ରହିଛି । ସେମିତି ଭକ୍ତି ମଧ୍ୟ ନ ପ୍ରକାରର । ଏହାକୁ ନବଧା ଭକ୍ତି କୁହାଯାଏ । ଏହି ନ'ପ୍ରକାର ଭକ୍ତି ମଧ୍ୟରୁ ଭକ୍ତକୁ ଯେଉଁ ମାର୍ଗ ସୁବିଧାଜନକ ମନେହୁଏ ସେ ତାହା ଅନୁସରଣ କରିପାରନ୍ତି । ବେଦ ଓ ଗୀତାରେ ନବଧା ଭକ୍ତିର ଉଲ୍ଲେଖ ରହିଛି । ଆଧ୍ୟାତ୍ମ ରାମାୟଣରେ ନବଧା ଭକ୍ତିର ରୂପ କିଛି ଭିନ୍ନ । ଏହି ପୁରାଣ ଅନୁଯାୟୀ ଭକ୍ତିର ନ'ଟି ମାର୍ଗ ଯଥା ସତ୍‌ସଙ୍ଗ, ଭଗବତ୍ ଆଲୋଚନା, ପୁରାଣ ବ୍ୟାଖ୍ୟା, ଭଗବତ କଥା ବ୍ୟାଖ୍ୟା, ଗୁରୁସେବା, ପବିତ୍ର ସ୍ୱଭାବ, ମନ୍ତ୍ରୋପାସନା, ସଜ୍ଜନ ଶ୍ରଦ୍ଧା, ବୈରାଗ୍ୟ ଏବଂ ତପ । ବିଶ୍ୱାସ କରାଯାଏ ବୈଷ୍ଣବମାନେ ଏହି ମାର୍ଗର ବିକାଶ କରିଥିଲେ । ପରେ ଅନ୍ୟମାନେ ଏହାକୁ ଅନୁକରଣ କରିଥିଲେ । ଗୀତାରେ ବର୍ଣ୍ଣନା କରାଯାଇଥିବା ଭକ୍ତିର ନଅଟି ପଦ୍ଧତି ହେଉଛି - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦ ସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମ ନିବେଦନ ।

ନବରାତ୍ର ଶବ୍ଦରୁ ସ୍ୱତନ୍ତ୍ର ନଅ ରାତିର ଭାବନା ମନକୁ ଆସେ । ଏ ସମୟରେ ଶକ୍ତିକୁ ନ ରୂପରେ ଉପାସନା କରାଯାଏ । ରାତ୍ରି ଶବ୍ଦ ସିଦ୍ଧିର ପ୍ରତୀକ । ଭାରତରେ ପ୍ରାଚୀନ ମୁନିଋଷିମାନେ ପର୍ବ ଓ ଉପାସନାରେ ଦିନ ଅପେକ୍ଷା ରାତିକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ସେଥିପାଇଁ ଦୀପାବଳୀ, ହୋଲିକା ଦହନ, ଶିବରାତ୍ରୀ ଓ ନବରାତ୍ରୀ ପରି ଉତ୍ସବ ରାତିରେ ହିଁ ପାଳିତ ହୁଏ । ରାତିର ବିଶେଷ ମହତ୍ୱ ନଥିଲେ ଏସବୁ ଉତ୍ସବ ଦିନରେ ହିଁ ପାଳିତ ହେଉଥାନ୍ତି । ମନୀଷୀମାନେ ବର୍ଷରେ ଦୁଇଥର ନବରାତ୍ରୀ ପାଳନର ବିଧାନ ରଖିଛନ୍ତି । ବିକ୍ରମ ସମ୍ବତ୍ସର ପ୍ରଥମ ଦିନ ଅର୍ଥାତ୍ ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦ ଠାରୁ ନଅ ଦିନ ଅର୍ଥାତ୍ ନବମୀ ପର୍ଯ୍ୟନ୍ତ ଏବଂ ଏହାର ଠିକ୍ ଛଅମାସ ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାରୁ ମହାନବମୀ ଅର୍ଥାତ୍ ବିଜୟାଦଶମୀର ଏକଦିନ ପୂର୍ବ ପର୍ଯ୍ୟନ୍ତ । ତେବେ ସିଦ୍ଧି ଓ ସାଧନା ଦୃଷ୍ଟିରୁ ଶାରଦୀୟ ନବରାତ୍ର ଅଧିକ ମହତ୍ତ୍ୱପୂର୍ଣ୍ଣ । ନଅଦିନ ପୂଜାରେ ମା'ଦୁର୍ଗାଙ୍କୁ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପେ ପୂଜା କରାଯାଏ । ଏହି ନବରାତ୍ରରେ ଲୋକମାନେ ନିଜ ନିଜର ଆଧ୍ୟାତ୍ମିକ ଓ ମାନସିକ ଶକ୍ତି ସଞ୍ଚୟ କରିବା ପାଇଁ ବିଭିନ୍ନ ପ୍ରକାର ବ୍ରତ, ନିୟମ, ସଂଯମ, ଯଜ୍ଞ, ଭଜନ, ପୂଜନ, ଯୋଗ ସାଧନା ଆଦି କରନ୍ତି । କିଛି ସାଧକ ଏହି ରାତ୍ରିରେ ପଦ୍ମାସନ ବା ସିଦ୍ଧାସନରେ ବସି ବୀଜମନ୍ତ୍ର ଜପ କରନ୍ତି ।


ଭାରତର ୫୧ଟି ବଡ଼ ଶକ୍ତିପୀଠରେ ଖୁବ୍ ବିଧିବିଧାନ ଏବଂ ଉତ୍ସାହର ସହ ନବରାତ୍ର ପୂଜା କରାଯାଏ । ଯେଉଁମାନେ ଏସବୁ ପୀଠକୁ ଯାଇପାରନ୍ତି ନାହିଁ ସେମାନେ ନିଜ ଘରେ ଶକ୍ତିଙ୍କୁ ଉପାସନା କରନ୍ତି । ମନୀଷୀମାନେ ରାତିର ମହତ୍ତ୍ୱକୁ ଅତ୍ୟନ୍ତ ସୂକ୍ଷ୍ମତାର ସହ ବୈଜ୍ଞାନିକ ଦୃଷ୍ଟିକୋଣରୁ ବୁଝିବାକୁ ଓ ବୁଝାଇବାକୁ ଚେଷ୍ଟା କରିଛନ୍ତି । ରାତିରେ ପ୍ରକୃତିରେ ଅନେକ ଅବରୋଧ ଶେଷ ହୋଇଯାଏ । ଆଧୁନିକ ବିଜ୍ଞାନ ମଧ୍ୟ ଏଥିସହ ସହମତ । ଆମ ମୁନିଋଷିମାନେ ଆଜିଠାରୁ କେତେ ହଜାର ବର୍ଷ ପୂର୍ବରୁ ପ୍ରକୃତିର ଏହି ବୈଜ୍ଞାନିକ ରହସ୍ୟକୁ ବୁଝିସାରିଥିଲେ । ଦିନରେ କୌଣସି ଶବ୍ଦ ସୃଷ୍ଟି କଲେ ଏହା ଅଧିକ ଦୂର ପର୍ଯ୍ୟନ୍ତ ଯାଏନାହିଁ । କିନ୍ତୁ ରାତିରେ ଶବ୍ଦ କଲେ ଏହା ଅଧିକ ଦୂର ଯାଏ । ଏହା ପଛରେ ଦିନର କୋଳାହଳ ବ୍ୟତୀତ ଅନ୍ୟ ଏକ ବୈଜ୍ଞାନିକ ତଥ୍ୟ ମଧ୍ୟ ରହିଛି । ଦିନରେ ସୂର୍ଯ୍ୟକିରଣ ଶବ୍ଦ ତରଙ୍ଗ ଓ ରେଡ଼ିଓ ତରଙ୍ଗକୁ ଆଗକୁ ଯିବାକୁ ରୋକେ । ରେଡ଼ିଓ ଏହି ତଥ୍ୟର ଜୀବନ୍ତ ଉଦାହରଣ । କମ୍ ଶକ୍ତି ବିଶିଷ୍ଟ ରେଡ଼ିଓ ଷ୍ଟେସନ ଦିନରେ ଧରେନି, କିନ୍ତୁ ସୂର୍ଯ୍ୟାସ୍ତ ପରେ ଖୁବ୍ ଛୋଟ ଛୋଟ ରେଡ଼ିଓ ଷ୍ଟେସନ ମଧ୍ୟ ସହଜରେ ଧରେ । ବୈଜ୍ଞାନିକ ସିଦ୍ଧାନ୍ତ ଅନୁଯାୟୀ ସୂର୍ଯ୍ୟକିରଣ ଦିନରେ ରେଡ଼ିଓ ତରଙ୍ଗକୁ ରୋକେ । ମନୀଷୀମାନେ କୁହନ୍ତି ଠିକ୍ ସେମିତି ମନ୍ତ୍ର ଓ ଉପାସନାର ତରଙ୍ଗ ଉପରେ ଦିନରେ ଅବରୋଧ ସୃଷ୍ଟି ହୁଏ । ତେଣୁ ପୂଜା, ଯୋଗ, ଜପ ଆଦିରେ ଦିନ ଅପେକ୍ଷା ରାତ୍ରି ଅଧିକ ଗୁରୁତ୍ୱପୂର୍ଣ୍ଣ । ମନ୍ଦିରରେ ଘଣ୍ଟା ଓ ଶଙ୍ଖର ସ୍ୱର କମ୍ପନରେ ଦୂରଦୂରାନ୍ତ ପର୍ଯ୍ୟନ୍ତ ବାତାବରଣ କୀଟାଣୁ ରହିତ କରିଦିଏ । ଏହ ରାତିରେ ବୈଜ୍ଞାନିକ ରହସ୍ୟ । ଏହି ବୈଜ୍ଞାନିକ ତଥ୍ୟକୁ ଧ୍ୟାନରେ ରଖି ସାଧକମାନେ ରାତିରେ ସଂକଳ୍ପ ଓ ଉଚ୍ଚ ଚିନ୍ତାଧାରା ସହ ନିଜ ସାଧନା ତରଙ୍ଗକୁ ବାୟୁମଣ୍ଡଳକୁ ପଠାନ୍ତି ।

'ଯା ଦେବୀ ସର୍ବଭୂତେଷୁ କ୍ଷୁଧା ରୂପେଣ ସଂସ୍ଥିତା' । ଏହି ସ୍ଥୂଳ ଶରୀରକୁ ମା' ଆମ୍ଭ ମାନଙ୍କୁ ପ୍ରଦାନ କରିଅଛି । ଏହାର ସୁରକ୍ଷା ମା' ସର୍ବଦା ଇଛା କରେ । ସେଥିପାଇଁ ମା'କ୍ଷୁଧା ରୂପରେ ଆମ୍ଭ ପାଖରେ ସର୍ବଦା ଠିକ ସମୟରେ ଆବିର୍ଭାବ ହୁଏ, ଯାହା ଫଳରେ ଆମ୍ଭର ଏ ଶରୀର ରକ୍ଷା ହୋଇଥାଏ । 'ଯା ଦେବୀ ସର୍ବ ଭୂତେଷୁ ଛାୟା ରୂପେଣ ସଂସ୍ଥିତା ।' ମା'ର ଆମ୍ଭେମାନେ ଏତେ ପ୍ରିୟ ଯେ ସେ ଆମ୍ଭ ମାନଙ୍କୁ କ୍ଷଣେ ମାତ୍ର ଛାଡ଼ି ରହିପାରେ ନାହିଁ । ସେ ଆମ୍ଭ ସହିତ ସଦାସର୍ବଦା ଛାୟା ରୂପରେ ରହିଥାଏ । 'ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା ।' ଆମ୍ଭେମାନେ ଯେଉଁସବୁ କାର୍ଯ୍ୟ କରୁ ଛୋଟ ହେଉ ବା ବଡ଼ ହେଉ, ମା'ଶକ୍ତି ରୂପରେ ଆମ୍ଭ ଭିତରେ ରହି ସମ୍ପୂର୍ଣ୍ଣ କରିବା ପାଇଁ ସହାୟତା କରିଥାଏ । ଏହିପରି କଲ୍ୟାଣମୟୀ ମା'ଭଗବତୀ ଅହର୍ନିଶ ଆମ୍ଭର ହିତ ସାଧନ ପାଇଁ ତତ୍ପର ହୋଇ ରହିଥାଏ । ମାତା ହିଁ ସଂସାରରେ ଅଧିକ ପୂଜ୍ୟା । ଭଗବାନ ବିଷ୍ଣୁ ଓ ଭଗବତୀ ଦୁର୍ଗା ପରସ୍ପର ପରିପୂରକ । ଭଗବତୀଙ୍କ କୃପା ଲାଭ କଲେ ଭଗବାନ ପ୍ରାପ୍ତ ହୋଇଥାନ୍ତି ।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,


# ନାରୀଜାତିର ପ୍ରତୀକାତ୍ମକ ପୂଜା : ଦୁର୍ଗାପୂଜା


ଯଶସ୍ୱିନୀ ପଟ୍ଟନାୟକ

'ମା'- ଶବ୍ଦରେ ଭରିରହିଛି ଅମୃତର ଉଚ୍ଛ୍ୱାସ । ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ । ମା' ବାରମ୍ବାର ଆବିର୍ଭୁତା ହୁଅନ୍ତି ସନ୍ତାନର ଅକୁଳ ପ୍ରାର୍ଥନାରେ । ମା'ର ଇଚ୍ଛା ସଦା ପୂର୍ଣ୍ଣହୁଏ । ସେ ଶକ୍ତିସ୍ୱରୂପିଣୀ । ପ୍ରତିଟି ଅଣୁ ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା । ଏ ଶରୀର ମଧ୍ୟ ଶକ୍ତି ବିନା ଜଡ଼ । ଶକ୍ତିକୁ ବାଦ ଦେଲେ ଜୀବ ଶବରେ ପରିଣତ ହୁଏ । ଶକ୍ତି, ଜଡ଼ରେ ଚୈତନ୍ୟସତ୍ତା ଆଣେ । ଦେବତାମାନଙ୍କ ତେଜରୁ ସୃଷ୍ଟ ଦେବୀ ତେଜସ୍ୱିନୀ ହୋଇ ଉଠିଲେ । ଗୋଟି ଗୋଟି କରି ରାକ୍ଷସମାନଙ୍କ ସହ ତାଙ୍କ ସୈନ୍ୟସାମନ୍ତଙ୍କୁ ବିନାଶ କରିବାରେ ଲାଗିଲେ । କ୍ରମାନ୍ୱୟରେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ, ନିଶୁମ୍ଭ ଓ ଶୁମ୍ଭଆଦି ରାକ୍ଷସମାନଙ୍କୁ ବଧ କରି ଶାନ୍ତି ପ୍ରତିଷ୍ଠା କରିବାରେ ମା'ଙ୍କ ଭୂମିକା ଅତୁଳନୀୟ । ଚଣ୍ଡ-ମୁଣ୍ଡ ଥିଲେ ମହିଷାସୁରର ଚର । ଚଣ୍ଡ-ମୁଣ୍ଡ ଦେବୀ ଦୁର୍ଗାଙ୍କୁ ସୁନ୍ଦରୀ ନାରୀରୂପରେ ଦର୍ଶନ କରି ମହିଷାସୁରକୁ ସମ୍ବାଦ ଦେଇଥିଲେ ଯେ ଏପରି ସୁନ୍ଦରୀ ନାରୀ ହିଁ ଆପଣଙ୍କ ଭୋଗ୍ୟା ହେବା ଉଚିତ୍ । ନାରୀର ରୂପବର୍ଣ୍ଣନା ଶୁଣି ମହିଷାସୁର ଚଣ୍ଡ-ମୁଣ୍ଡଙ୍କୁ ପୁନର୍ବାର ପ୍ରେରଣକଲା ସୁନ୍ଦରୀକୁ ଡକାଇ ଆଣିବା ପାଇଁ । ହେଲେ ନାରୀର ଥିଲା ଅଦ୍ଭୁତ ସର୍ତ୍ତ । 'ଯୋ ମାଂ ଜୟତି ସଂଗ୍ରାମେ ଯୋମେ ଦର୍ପଂ ବ୍ୟପୋହତି । ଯୋ ମେ ପ୍ରତିବଳୋ ଲୋକେ ସମେ ଭର୍ତ୍ତା ଭବିଷ୍ୟତି ।।' ଅର୍ଥାତ୍ ଯେ ମୋତେ ସଂଗ୍ରାମରେ ଜୟକରି, ମୋର ଦର୍ପକୁ ବିନାଶ କରିବ ଏବଂ ମୋ ସହିତ ଯାହାର ବଳ ସମକକ୍ଷ ହେବ ସେ ହିଁ ମୋତେ ବିବାହ କରିବ । ଏଭଳି ସର୍ତ୍ତଶୁଣି ମହିଷାସୁର ପରିହାସ କରିଥିଲା । ଚଣ୍ଡ-ମୁଣ୍ଡଙ୍କ ଜରିଆରେ ଭୋଗକରିବାକୁ ସ୍ୱପ୍ନଦେଖିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିଲା । ପରେ ପରେ ପ୍ରେରଣକଲା ରକ୍ତବୀଜକୁ । ଯାହାର ରକ୍ତ ବୀର୍ଯ୍ୟପରି କ୍ରିୟାଶୀଳ । ଭୂଭାଗରେ ବୁନ୍ଦାଏ ରକ୍ତ ପଡ଼ିଲେ ଅପରୂପ ଭାବରେ ଅସୁରଟିଏ ସୃଷ୍ଟିହୋଇଯାଉଥିଲା । ଦେବୀ ତାକୁ ମଧ୍ୟ ବିନାଶ କଲେ । ଶେଷରେ ମହିଷାସୁରକୁ ମଧ୍ୟ ବିନାଶକଲେ । ଦେବତାମାନେ ପ୍ରାର୍ଥନାରେ ଦେବୀଙ୍କୁ ଅନେକ ଭାବରେ ପ୍ରାପ୍ତିହେବାର ବର୍ଣ୍ଣନା ମଧ୍ୟରେ ଏକ ସମ୍ପ୍ରତି ସମାଜୋପଯୋଗୀ ସନ୍ଦେଶଟିଏ ଦେଇଯାଇଥିଲେ । 'ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍ସୁ...' ଅର୍ଥାତ୍ ପ୍ରତିଟି ନାରୀ ହେଉଛନ୍ତି ଦେବୀଙ୍କର ନାନାରୂପ । ନାରୀ ଜାତିର ମହନୀୟତା ହିଁ ଏଥିରେ ପ୍ରତିପାଦିତ ହୁଏ । ନାରୀର ଗୁଣାବଳୀକୁ ବର୍ଣ୍ଣନା କରିବାକୁ ଯାଇ ଭଗବାନ କୃଷ୍ଣ ଶ୍ରୀମଦ୍‌ଭଗବଦ୍‌ଗୀତାର ବିଭୁତିଯୋଗରେ କହିଛନ୍ତି- 'କୀର୍ତ୍ତି ଶ୍ରୀବାକ୍‌ଚନାରୀଣାମ୍ ସ୍ମୃତିମେଧା ଧୃତିକ୍ଷମା ଅର୍ଥାତ୍ 'ନାରୀମାନଙ୍କ ମଧ୍ୟରେ ମୁଁ କୀର୍ତ୍ତି, ସୌନ୍ଦର୍ଯ୍ୟ, ବଚନ, ସ୍ମୃତି, ବୁଦ୍ଧି, ଧୈର୍ଯ୍ୟ ଓ କ୍ଷମା' ଭଳି ଗୁଣାବଳିର ସମାହାର । ନାରୀ ଭିତରେ ଅନ୍ତଃସଲିଳା ହୋଇ ଦୟା, ମମତା, କରୁଣା, ସମ୍ବେଦନତା ଆଦି ଭରିରହିଛି । ଆଜି ଭୋଗବାଦର ଚରମସୀମାକୁ ସ୍ପର୍ଶକରିଥିବା ସଂସାରରେ ଦେହ ସର୍ବସ୍ୱ ହୋଇ ଆମେ ନାରୀକୁ ପଣ୍ୟ ଦ୍ରବ୍ୟ ରୂପେ ବ୍ୟବହାର କରିବାର ମାନସିକତା ରଖିଲୁଣି । ଯାହାର ପ୍ରମାଣ ଦେଉଛି ନାରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାପନ ଓ ଆଲବମ୍ ସଂଗୀତ । ଏତଦ୍ୱାରା ନାରୀତ୍ୱର ଅବମାନନା ହେବାସହିତ ଅଧୋଗତି ହେଉଛି ହେଉଛି ସିନା ଉନ୍ନତିର ପ୍ରଶ୍ନ ଉଠୁନାହିଁ ।

ସମ୍ପ୍ରତି ନାରୀଙ୍କ ଦାୟିତ୍ୱର ପରିସୀମା ବିସ୍ତୃତ ହୋଇଛି । ସେ ଆଉ ଘରର ଚାରିକାନ୍ଥରେ ଆବଦ୍ଧ ନାହିଁ । ତା'ର ଅବଗୁଣ୍ଠିତା ରୂପରେ ବାନ୍ଧିହୋଇ ରହିବାକୁ ସେ ଚାହିଁନାହିଁ; ଚାହିଁଛି ତା'ର ଅସୀମ ସ୍ୱପ୍ନକୁ ବାସ୍ତବ ରୂପ ଦେବାପାଇଁ ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ )

# ଯା ଦେବୀ ସର୍ବଭୂତେଷୁ

## ଦଶ ମହାବିଦ୍ୟା



ଡ. ଶିଶିର କୁମାର କର

ମହାମାୟା ଦୁର୍ଗତିନାଶିନୀ ଦୁର୍ଗା ଅଯୋନିସଂମ୍ଭୂତା । ବିଶ୍ୱର ସୃଷ୍ଟି, ସ୍ଥିତି ଓ ନାଶକାରିଣୀ ନିଦ୍ରାଦେବୀ ଭାବରେ ସେ ବିରାଜିତା ।

"ସର୍ବ ରୂପମୟୀ ଦେବୀ,
ସର୍ବ ଦେବୀ ମୟଂ ଜଗତ
ଅତୋଅହମ୍ ବିଶ୍ୱରୂପା
ତ୍ୱାଂ ନମାମି ପରମେଶ୍ୱରୀ ।"

ସମଗ୍ର ଜଗତକୁ ସନ୍ତୁଳିତ ରଖିବା ପାଇଁ ସେ ଦଶ ମହାବିଦ୍ୟା ରୂପରେ ଶକ୍ତିମୟୀ ସ୍ୱରୂପା । ସଂସାରରେ ତିନି ପ୍ରକାର ବିଦ୍ୟା ଦେଖାଯାଏ । ଯଥା - ଅବିଦ୍ୟା, ବିଦ୍ୟା ଓ ମହାବିଦ୍ୟା । ମହା + ବିଦ୍ୟା ଅର୍ଥାତ୍ ମହାନ୍ ଜ୍ଞାନ । କେବଳ ମହାବିଦ୍ୟାହିଁ ମୋକ୍ଷ ଦେଇଥାଏ । ତେଣୁ ଦଶ ମହାବିଦ୍ୟା ଦ୍ୱାରା ଜୀବନ ଓ ଜଗତର ବିକାଶ ସମ୍ଭବ । ଭକ୍ତି ଦ୍ୱାରା ଶକ୍ତି ପୂଜା କଲେ ମୁକ୍ତି ମିଳେ । ସାପ ତନ୍ତ୍ର କଷ୍ଟ ସାଧନା ଦ୍ୱାରା ତାନ୍ତ୍ରିକ ସାଧକ ମାନେ ଦଶ ମହାବିଦ୍ୟାର ସଫଳତା ଲାଭ କରିବା କଥା ସମସ୍ତଙ୍କୁ ଜଣା । ହେଲେ ସାଧାରଣଭକ୍ତ ପୂଜା ଅର୍ଚ୍ଚନା କଲେ ମଧ ଉତ୍ତମ ଫଳ ପ୍ରାପ୍ତ ହୋଇଥାଏ । ଏହି ଦଶ ମହାବିଦ୍ୟା ସାଧନା ଦ୍ୱାରା ମନୁଷ୍ୟ ଭୌତିକ ସୁଖ ସହ ସମସ୍ତ ବନ୍ଧନରୁ ହୁଏ ମୁକ୍ତ । ବିଭିନ୍ନ ମହାବିଦ୍ୟା ଜୀବନର ବିଭିନ୍ନ କ୍ରିୟା-ପ୍ରକ୍ରିୟା, ବିକାଶ ଓ ବିନାଶ ସହିତ ସମ୍ବନ୍ଧିତ ।

ଦଶ ମହାବିଦ୍ୟାର ଉତ୍ପତ୍ତି ସମ୍ବନ୍ଧରେ ପୌରାଣିକ ଆଖ୍ୟାୟିକାଟିଏ ରହିଛି । ଦେବୀ ଭାଗବତ ପୁରାଣ ଅନୁସାରେ ପାର୍ବତୀଙ୍କ ପୂର୍ବଜନ୍ମ ହେଲେ ସତୀ । ସତୀ ଏବଂ ଦେବ ଦେବ ମହାଦେବଙ୍କ ବିବାହ ବିବାଦ ମଧ୍ୟରେ ହୋଇଥିଲା । ସତୀଙ୍କ ପିତା ଦକ୍ଷ ପ୍ରଜାପତି ଏହି ବିବାହକୁ ବିରୋଧ କରି ଅସଫଳ ହୋଇଥିଲେ । ଅହଂକାରର ବଶବର୍ତ୍ତୀ ହୋଇ ଦକ୍ଷ ପ୍ରଜାପତି ଶ୍ମଶାନଚାରୀ ଶିବଙ୍କୁ ଅପମାନିତ କରିବା ପାଇଁ ଚାହିଁଲେ । ସେ ଏକ ମହା ଯଜ୍ଞର ଆୟୋଜନ କଲେ । ଯେଉଁ ଯଜ୍ଞକୁ ତିନିଲୋକର ବିଭିନ୍ନ ପ୍ରତିନିଧିଙ୍କୁ ସେ ନିମନ୍ତ୍ରଣ କଲେ କିନ୍ତୁ ବଡ଼ ଜ୍ୱାଇଁ ମହାଦେବ ଓ କନ୍ୟା ସତୀଙ୍କୁ ଡାକିଲେ ନାହିଁ ।

ସତୀ ପିତାଙ୍କ ଉପରେ ଅଭିମାନ କରି ତାଙ୍କୁ ଭେଟିବା ପାଇଁ ପିତ୍ରାଳୟ ଯିବାକୁ ବାହାରିଲେ । ହେଲେ ମହାଦେବ ସତୀଙ୍କୁ ଯିବାପାଇଁ ବାରଣ କଲେ । ସେ ତାଙ୍କୁ ରୋକିବା ପାଇଁ କଲେ ପ୍ରଚେଷ୍ଟା । ଅପରପକ୍ଷେ ଶିବଙ୍କୁ ସାମ୍ନାକୁ ନ ଆସିବା ପାଇଁ ଦେବୀ ସତୀ ଏକ ଭୟଙ୍କର ରୂପ ଧାରଣ କଲେ । ଶିବ ମହାକାଳିଙ୍କର ପ୍ରଚଣ୍ଡ ରୂପ ଦେଖି ଅନ୍ୟ ଦିଶାକୁ ଯିବାପାଇଁ ଚାହିଁଲେ । ହେଲେ ସେ ଯେଉଁଠିକୁ ଗଲେ ସେଠାରେ ଦେବୀଙ୍କର ଭିନ୍ନ ଭିନ୍ନ ରୂପ ଦେଖିବାକୁ ପାଇଲେ । ଦଶଟି ପଥରେ ସତୀଙ୍କର ଦଶଟି ରୂପ ଶିବ ଦର୍ଶନ କଲେ । ଏହାହିଁ ଦଶ ମହାବିଦ୍ୟା । ତେଣୁ ସତୀଙ୍କୁ ସେ ରୋକି ପାରିଲେ ନାହିଁ । ସତୀ ପିତା ଦକ୍ଷ ପ୍ରଜାପତିଙ୍କ ଯଜ୍ଞଶାଳାରେ ପହଞ୍ଚିବା ପରେ ସେ ପିତାଙ୍କ ମୁଖରୁ ପତିନିନ୍ଦା ଶୁଣି ସହ୍ୟ କରିପାରିଲେ ନାହିଁ । ନିଜ ଶରୀରକୁ ଯଜ୍ଞ କୁଣ୍ଡରେ ବିସର୍ଜନ କଲେ ।

ସେହି ଦଶ ମହାବିଦ୍ୟାର ଦେବୀମାନେ ହେଲେ -

"କାଳି ତାରା ମହାବିଦ୍ୟା
ଷୋଡ଼ଶୀ ଭୁବନେଶ୍ୱରୀ
ଭୈରବୀ ଛିନ୍ନମସ୍ତାଚ
ବିଦ୍ୟା ଧୁମାବତୀ ତଥା
ବଗଳା ସିଦ୍ଧି ବିଦ୍ୟାଚ
ମାତଙ୍ଗୀ କମଳାତ୍ମିକା
ଏତା ଦଶ ମହାବିଦ୍ୟା:
ସିଦ୍ଧି ବିଦ୍ୟା ପ୍ରକୀର୍ତ୍ତିତ ।"

ଅର୍ଥାତ୍ - କାଳି, ତାରା, ଷୋଡ଼ଶୀ (ତ୍ରିପୁର ସୁନ୍ଦରୀ), ଭୁବନେଶ୍ୱରୀ, ତ୍ରିପୁର ଭୈରବୀ, ଛିନ୍ନମସ୍ତା, ଧୁମାବତୀ, ବଗଳାମୁଖୀ, ମାତଙ୍ଗୀ ଓ କମଳା । ଦଶ ମହାବିଦ୍ୟାରୁ ଭଗବାନ ବିଷ୍ଣୁଙ୍କ ଦଶ ଅବତାର ସୃଷ୍ଟି ହୋଇଥିବାର କଳ୍ପନା କରାଯାଏ ।

ସ୍ୱରୂପ:- ଏହି ଦେବୀମାନଙ୍କୁ ସାଧାରଣତଃ ଦୁଇ କୁଳରେ ଶ୍ରେଣୀ ବିଭାଗ କରାଯାଏ । ଯଥା - 'ଶ୍ରୀକୁଳ' ଓ 'କାଳିକୁଳ' । ଦେବୀମାନଙ୍କର ସଂଯୁକ୍ତ ଗୁଣକୁ ନେଇ ଏହା ନଅ + ନଅ = ଅଠର ପ୍ରକାର । ଅନ୍ୟ ଦୃଷ୍ଟିରେ ଋଷିମାନେ ବିଚାର କରନ୍ତି ତିନି ପ୍ରକାର ।

ଅର୍ଥାତ୍ - ଉଗ୍ର - କାଳି, ଛିନ୍ନମସ୍ତା, ଧୁମାବତୀ, ବଗଳାମୁଖୀ

ସୌମ୍ୟ - ତ୍ରିପୁର ସୁନ୍ଦରୀ, ଭୁବନେଶ୍ୱରୀ, ମାତଙ୍ଗୀ, କମଳା

ସୌମ୍ୟ + ଉଗ୍ର - ତାରା, ଭୈରବୀ

ଅବସ୍ଥିତି:- ଦଶ ଦେବୀମାନଙ୍କର ଅବସ୍ଥିତି ବିଭିନ୍ନ ଦିଶାରେ ରହିଛି । ଯଥା - ଉତ୍ତର ଦିଗରେ - ମାତା କାଳି ଓ ତାରା, ଦକ୍ଷିଣ ଦିଗରେ - ମାତ୍ର ତ୍ରିପୁର ଭୈରବୀ ଓ ବଗଳାମୁଖୀ, ଐଶାନ୍ୟରେ - ମାତା ଷୋଡ଼ଶୀ (ତ୍ରିପୁର ସୁନ୍ଦରୀ), ପଶ୍ଚିମରେ - ମାତା ଭୁବନେଶ୍ୱରୀ, ପୂର୍ବରେ - ମାତା ଛିନ୍ନମସ୍ତା, ଧୁମାବତୀ, ବାୟବ୍ୟରେ - ମାତା ମାତଙ୍ଗୀ, ନୈଋତରେ - ମାତା କମଳା ।

ବୈଶିଷ୍ଟ୍ୟ :-

୧. କାଳି - ଆଦି ଶକ୍ତିଙ୍କର ସର୍ବପ୍ରଥମ ଭୟାନକ ରୂପ ଯିଏ ଦୁଷ୍ଟ ଶକ୍ତିର ସଂହାର ସହିତ ସମ୍ବନ୍ଧିତ । ଅନ୍ଧକାର ଦୂର କରିବାର ଶକ୍ତି କାଳି ମାତାଙ୍କର ରହିଛି । ଶନିଗ୍ରହ କାଳିଙ୍କର ମିତ୍ର ଅଟନ୍ତି ।

ମନ୍ତ୍ର - ଓଁ କ୍ରିଂ କ୍ରିଂ ହୁଁ ହୁଁ ହ୍ରିଂ ହ୍ରିଂ ଦକ୍ଷିଣେ କାଳିକା କ୍ରିଂ କ୍ରିଂ କ୍ରିଂ ହୁଁ ହୁଁ ହ୍ରିଂ ହ୍ରିଂ ସ୍ୱାହା । ୨. ତାରା - ଜ୍ଞାନ, ଶାନ୍ତି ଏବଂ ମୁକ୍ତି ପ୍ରଦାନକାରୀ ଦେବୀ । ଶୁଭଦାୟକ ଜ୍ଞାନର ରୋଷଣୀର ପ୍ରତୀକ ।

ମନ୍ତ୍ର - ଓଁ ହ୍ରିଂ ସ୍ତ୍ରିଂ ହୁଂ ଫଟ୍ ।

୩. ତ୍ରିପୁର ସୁନ୍ଦରୀ - ଏହାଙ୍କୁ ଷୋଡ଼ଶୀ ମଧ କୁହାଯାଏ । ତିନିଲୋକରେ ସବୁଠାରୁ ସୁନ୍ଦରୀ ଦେବୀ । ସମସ୍ତ କାର୍ଯ୍ୟରେ ସୁନ୍ଦରତା ଆଣି ପାରନ୍ତି । ସୌନ୍ଦର୍ଯ୍ୟ, ପ୍ରେମ ଓ ମୋକ୍ଷ ପ୍ରଦାନକାରୀ ଦେବୀ ଅଟନ୍ତି ।

ମନ୍ତ୍ର - ଓଁ ଐଂ ହ୍ରିଂ ଶ୍ରୀ
ତ୍ରିପୁର ସୁନ୍ଦରୀୟେ ନମଃ ।

୪. ଭୁବନେଶ୍ୱରୀ - ସମଗ୍ର ବ୍ରହ୍ମାଣ୍ଡରେ ବାସସ୍ଥାନ କରିଥିବା ଦେବୀ । ତେଣୁ ସମଗ୍ର ସଂସାରର ମାଲିକାଣୀ ଦେବୀ ଓ ଶକ୍ତିର ଆଧାର ଅଟନ୍ତି ।

ମନ୍ତ୍ର - ଓଁ ହ୍ରିଂ ଭୁବନେଶ୍ୱରୀୟେ ହ୍ରିଁ ନମଃ ।

ତ୍ରିପୁର ଭୈରବୀ - ମହାପ୍ରଳୟ ସହିତ ଯୋଡ଼ି ହୋଇଥିବା ଦେବୀ । ସକଳ ମାୟା ଓ ରୂପକୁ ସେ ବିନାଶ କରି ପାରନ୍ତି । ଭୟ ବିନାଶକାରିଣୀ ତନ୍ତ୍ର ବିଦ୍ୟାରେ ସେ ଦିଅନ୍ତି ପ୍ରଗତି ।

ମନ୍ତ୍ର - ଓଁ ହ୍ରିଂ ଭୈରବୀ କଲିଂ ହ୍ରିଂ ସ୍ୱାହା ।

୬. ଛିନ୍ନମସ୍ତା - ନିଜର ମୁଣ୍ଡକୁ ଧାରଣ କରି ରକ୍ତର ଗୋଟିଏ ଧାରାକୁ ପିଉଥିବା ଦେବୀ । ଉଗ୍ର ସ୍ୱଭାବ ଯୁକ୍ତା ହୋଇଥିଲେ ମଧ ଜ୍ଞାନ, ବୁଦ୍ଧି ପ୍ରଦାନ କରି ଶତ୍ରୁନାଶ କରନ୍ତି । ବିନାଶର ଦେବୀ ଭାବରେ ପ୍ରସିଦ୍ଧି ଲାଭ କରିଛନ୍ତି । ମନ୍ତ୍ର - ଶ୍ରୀ ହ୍ରିଂ କ୍ଲିଂ ଐ ବଜ୍ର ବିରୋଧନୀୟେ ହୁଁ ହୁଁ ଫଟ୍ ସ୍ୱାହା । ୭. ଧୁମାବତୀ - ରୋଗ, ଶୋକ ଏବଂ ଦୁଃଖକୁ ନିୟନ୍ତ୍ରଣ କରିବାର ଶକ୍ତି ଓ ସାମର୍ଥ୍ୟ ଦେବୀ ଧୁମାବତୀଙ୍କର ରହିଛି । ବିଧବା ଓ ଦୁର୍ଯୋଗର ପ୍ରତିନିଧିତ୍ୱ କରୁଥିବା ଦେବୀ ସେ ଅଟନ୍ତି ।

ମନ୍ତ୍ର - ଓଁ ଧୁଂ ଧୁଂ ଧୁମାବତୀ ଦେବ୍ୟୈ ସ୍ୱାହା ।

୮. ବଗଳାମୁଖୀ - ଶତ୍ରୁ ବିନାଶକାରୀ ଓ ନିୟନ୍ତ୍ରଣକାରୀ ଦେବୀ । ବାଦ ବିବାଦକୁ ଧ୍ୱଂସ କରି ଜ୍ଞାନ ବର୍ଦ୍ଧକ ଅଟନ୍ତି । ରାମଚନ୍ଦ୍ର ଓ ପାଣ୍ଡବମାନେ ଶତ୍ରୁ ବିନାଶ ପାଇଁ ବଗଳାମୁଖୀଙ୍କୁ ପୂଜା କରିଥିଲେ ।

ମନ୍ତ୍ର - ଓଁ ହ୍ରିଂ ବଗଳାମୁଖୀ ଦେବ୍ୟୈ ହ୍ରିଂ ଓଁ ନମଃ ।

୯. ମାତଙ୍ଗୀ - କଳା, ସଂଗୀତ, ଜ୍ଞାନ ଓ ମୋହିନୀ ବିଦ୍ୟା ସହିତ ସଂପର୍କିତ ଦେବୀ । ମାତା ସରସ୍ୱତୀଙ୍କର ତାନ୍ତ୍ରିକ ରୂପ ମାତଙ୍ଗୀଙ୍କୁ କୁହାଯାଏ ।

ମନ୍ତ୍ର - ଓଁ ହ୍ରିଂ କ୍ଲିଂ ହୁଁ
ମାତଙ୍ଗୈ ଫଟ୍ ସ୍ୱାହା ।

୧୦. କମଳା - ଯେ ଦେବୀ ମହାଲକ୍ଷ୍ମୀଙ୍କ ତାନ୍ତ୍ରିକ ସ୍ୱରୂପ ଅଟନ୍ତି । ତେଣୁ ଧନ, ସମୃଦ୍ଧି, ଐଶ୍ୱର୍ଯ୍ୟ ସହିତ ଜଡ଼ିତ ଦେବୀ । ସୂର୍ଯ୍ୟଙ୍କ କାନ୍ତି ପରି ସୁବର୍ଣ୍ଣ ବର୍ଣ୍ଣା ।

ମନ୍ତ୍ର - ଓଁ ହ୍ରିଂ ଅଷ୍ଟ
ମହାଲକ୍ଷ୍ମୈ ନମଃ ।

ଭାରତବର୍ଷର ବିଭିନ୍ନ ସ୍ଥାନରେ ଦେବୀମାନଙ୍କର ମନ୍ଦିର ରହିଛି । କେବଳ ତିନୋଟି ମନ୍ଦିରରେ ସମସ୍ତ ଦଶମହାବିଦ୍ୟାର ଦେବୀ ଏକତ୍ର ଥିବାର ଦେଖାଯାଏ । ସେଗୁଡ଼ିକ ହେଲା ଆସାମ ଗୌହାଟିର କାମାକ୍ଷା ମନ୍ଦିର, ପଶ୍ଚିମବଙ୍ଗ କୋଲକତାର ଏକ ପ୍ରାଚୀନ ମନ୍ଦିର । ଝାଡ଼ଖଣ୍ଡର ଧନବାଦ୍ ଠାରେ ଦଶବିଦ୍ୟା ମନ୍ଦିର ଆନ୍ତର୍ଜାତିକ ପ୍ରସିଦ୍ଧି ଲାଭ କରିଛି । ଏହି ତିନି ମନ୍ଦିରକୁ ବହୁ ଶ୍ରଦ୍ଧାଳୁ ଓ ତାନ୍ତ୍ରିକ ଯାଇ ପୂଜା ଓ ସାଧନା କରୁଛନ୍ତି ।

ଶ୍ରୀକଣ୍ଠପୁର, ବାଲେଶ୍ୱର
ମୋ- ୯୭୭୮୫୪୩୮୯୭





## ଯା ଦେବୀ ସର୍ବ ଭୂତେଷୁ

ଗୀତାଞ୍ଜଳି ଅଗସ୍ତି



ଶୈଳ ପୁତ୍ରି ନାମେ ନବଦୁର୍ଗାଙ୍କ
ଅଟଇ ପ୍ରଥମ ନାମ
ବୃଷଭ ବାହାନ ମାତାଙ୍କ ଦକ୍ଷିଣେ
ହସ୍ତେ ତ୍ରିଶୂଳ ବାମେ ପଦ୍ମ।
ବ୍ରହ୍ମ ଚାରିଣୀ ନବଦୁର୍ଗାଙ୍କ ଅଟେ
ଦ୍ୱିତୀୟ ବିଶେଷ ନାମ
ତପସ୍ୱିନୀଙ୍କ ଦକ୍ଷିଣେ ଜପାମାଳୀ
କମଣ୍ଡଳୁ ଶୋଭା ବାମ ।
ଏକ ହଜାର ବର୍ଷ କଲେ ତପସ୍ୟା
ସେ କିଛି ନ ଖାଇ ପିଇ
କଠୋର ତପସ୍ୟା କରିଲେ ଶିବଙ୍କୁ
ମାତା ଯେ ପାଇବା ପାଇଁ ।
ଶେଷରେ ମାତାଙ୍କ ମନବାଞ୍ଛା ହେଲା
ନିର୍ବିଘ୍ନରେ ପରିପୂର୍ଣ୍ଣ
ମାତାଙ୍କର ଇଚ୍ଛା କ୍ରମେ ଶଙ୍କରଙ୍କୁ
କରି ଥିଲେ ବରଣ।
ଚନ୍ଦ୍ରଘଣ୍ଟା ନବଦୁର୍ଗାଙ୍କ ତୃତୀୟ
ଦୁଷ୍ଟ ବିନାଶନ ରୂପ
ମାଆ ଆଗମନ ଦୁଷ୍ଟ ଙ୍ଗ ଆତଙ୍କ
ଥରାଇ ଦିଏ ମା ଭୂପ ।
ଶାନ୍ତି ପ୍ରଦାୟିନୀ କଲ୍ୟାଣ କାରିଣୀ
ମସ୍ତକରେ ଅର୍ଦ୍ଧ ଚନ୍ଦ୍ର
ତ୍ରିଭୁବନ ନରାଧମ ଭୟଭୀତ
କର୍ଣ୍ଣରେ ଘଣ୍ଟ ଶବ୍ଦ।
ନବଦୁର୍ଗା ଚତୁର୍ଥ ନାମ କୁଷ୍ମାଣ୍ଡା
ନାମେ ମାଆ ସୁସଜ୍ଜିତ
ତୁହି ଆଦିମାତା ଶକ୍ତି ସ୍ୱରୂପିଣୀ
ଅଷ୍ଟଭୁଜା ନାମେ ପୂଜିତ।
କମଣ୍ଡଳୁ, ଧନୁ, ବାଣ, ଚକ୍ର, ଗଦା
କମଳ ସପ୍ତ ହସ୍ତରେ
ସିଦ୍ଧି ପ୍ରଦାୟକ ଜପାମାଳୀ ତୋର
ମାଆ ଅଷ୍ଟମ ହସ୍ତରେ।
ମାଆ ସ୍କନ୍ଧମାତା ନାମେ ଦୁର୍ଗାଙ୍କର
ପଞ୍ଚମ ଅବତାର
ସ୍କନ୍ଧ ଦେବ ସେନାପତି କାର୍ତ୍ତିକେୟ
ନାମେ ବୀରବର।
ମାତା ନବଦୁର୍ଗା ଚତୁର୍ଭୁଜା କୋଳେ
କାର୍ତ୍ତିକେୟ କୁମର
ଦକ୍ଷିଣ ହସ୍ତରେ କାର୍ତ୍ତିକ କମଳ
ମୁଦ୍ରା ପଦ୍ମ ବାମ ର।
ମାତା ନବଦୁର୍ଗାଙ୍କର ଷଷ୍ଠ ରୂପ
ମାତା କାତ୍ୟାୟନୀ
ଋଷି କାତ୍ୟାୟନ ପୁତ୍ରି ରୂପରେ
ମାଆ ସିଂହବାହିନୀ।
କାଳରାତ୍ରି ନବଦୁର୍ଗାଙ୍କ ସପ୍ତମ
ମହାକାଳୀ ଅବତାର
ମାଆ ତ୍ରିନେତ୍ରିଙ୍କ ରୂପ ଘନ ନୀଳ
ନିଃଶ୍ୱାସ ଜ୍ୱଳା ଅଗ୍ନିର।
ମାଆ ବିଜୁଳି କନ୍ୟା ଚତୁର୍ଭୁଜା
ବାହାନ ତାଙ୍କର ଗଧ
ଦକ୍ଷିଣ ହସ୍ତେ ପରମୁଦ୍ରା ଅଭୟ ମୁଦ୍ରା
ବାମ ହସ୍ତେ କଣ୍ଟା ଖଡ୍ଗ।
ମାଆ ନବଦୁର୍ଗା ରୂପ ଭୟଙ୍କର
ହୃଦ ମମତା ଭଣ୍ଡାର
ମା ଦୁଷ୍ଟ ବିନାଶିନୀ ସନ୍ଥ ପାଳିନୀ
ଶୁଭଙ୍କରୀ ଜଗତର।
ନବଦୁର୍ଗାଙ୍କର ଅଷ୍ଟମ ରୂପ ଯେ
ମହାଗୌରୀ ଅବତାର
ମାଆ ନବଦୁର୍ଗାଙ୍କର ବର୍ଣ୍ଣ ଗୌର
ପରିଧାନ ସର୍ବ ଗୌର।
ତପସ୍ୟା କରି ଶିବଙ୍କୁ ହୋଇ ଥିଲା
ଚର୍ମ ଶୁଷ୍କ ମଳିନ
ଗଂଗା ଜଳେ ସ୍ନାନ କରାଇ ଶଙ୍କର
କରିଲେ ଗୌର ବର୍ଣ୍ଣ।
ନବଦୁର୍ଗାଙ୍କ ନବମ ଅବତାର
ମାଆ ସିଦ୍ଧିଦାତ୍ରୀ
ସର୍ବ ସିଦ୍ଧି ପ୍ରଦାୟିନୀ ଚତୁର୍ଭୁଜା
ମାଆ ସିଂହବାହିନୀ।
ମାଆଙ୍କର ଦୟାରେ ଶିବ ଶଙ୍କର
ସର୍ବ ସିଦ୍ଧି ପ୍ରାପ୍ତ ହେଲେ
ଶିବଙ୍କ ଅର୍ଦ୍ଧ ନାରୀ ବେଶର ସିଦ୍ଧି
ମାଆଙ୍କ ଦୟାରୁ ପାଇଲେ।
ମାଆଙ୍କ ଦକ୍ଷିଣ ହସ୍ତେ ଚକ୍ର ଗଦା
ବାମ ହସ୍ତେ ଶଙ୍ଖ ପଦ୍ମ
ନବଦୁର୍ଗା କୃପା ହେଲେ ସର୍ବ ଜୟ
ବିଜୟ କରି ହେବା ସର୍ବଜ୍ଞ ।

ଏରଡା, ଭଦ୍ରକ


## ନବରାତ୍ରିର ନବଦୁର୍ଗା



କିଶୋର କୁମାର ଜେନା

'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ'

ଯେଉଁ ଦେବୀ ସବୁ ଘଟରେ ଶକ୍ତି ଓ ସାମର୍ଥ୍ୟ ଭାବରେ ବିରାଜିତ, ତାଙ୍କୁ ନମସ୍କାର, ନମସ୍କାର, ନମସ୍କାର । ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି । ଦେବୀଙ୍କ ଭେଦ ହେଉଛି ସବୁ ବିଦ୍ୟା । ସଂସାରରେ ଯେତିକି ନାରୀ ଅଛନ୍ତି ସେମାନେ ଦେବୀଙ୍କ ରୂପ । ସମସ୍ତ ସଂସାରରେ ବ୍ୟାପ୍ତ ହେଉଛି ଗୋଟିଏ ତତ୍ତ୍ୱ, ସେହି ତତ୍ତ୍ୱ ହେଉଛି ଦେବୀ ତତ୍ତ୍ୱ ବା ଶକ୍ତି ତତ୍ତ୍ୱ । ଭଗବତୀ ଏହାଠାରୁ ଅଧିକ ସ୍ତୁତି କରିବାକୁ ଭାଷା କାହିଁ ? ତ୍ରିପୁରୋପନିସଦ୍‌ରେ ଉଲ୍ଲେଖ ଅଛି : ଭଗବାନ ଶକ୍ତିଯୁକ୍ତ ହୋଇ ଜଗତର ବିଧାତା, ଧର୍ତ୍ତା, ହର୍ତ୍ତା ଏବଂ ବିଶ୍ୱ ସ୍ୱରୂପକୁ ପ୍ରାପ୍ତ ହୁଅନ୍ତି । 'ଓଁକାର'ର 'ଅ'ହେଉଛି ବ୍ରହ୍ମା, 'ଉ' ହେଉଛି ବିଷ୍ଣୁ ଏବଂ 'ମ' ଶିବ, ଏହାର ଅର୍ଧମାତ୍ରା ଅର୍ଥାତ୍ ଚନ୍ଦ୍ରବିନ୍ଦୁ ହେଉଛନ୍ତି ମାହେଶ୍ୱରୀ। ଅତଏବ ଶକ୍ତି ବିନା କାହାରି ସ୍ଥିତି ନାହିଁ । ସେହି ମାୟା, ସେହି ଶକ୍ତି, ସେହି ପ୍ରଭାବରେ ବନ୍ଦନାର ପର୍ବ ହେଉଛି ନବରାତ୍ରି । ନବରାତ୍ରିରେ ତିଥି ଅନୁସାରେ ମା' ଦୁର୍ଗାଙ୍କ ନବ ରୂପର ପୂଜା ଅର୍ଚ୍ଚନା କରାଯାଏ । ଏହି ନବ ରୂପ ହେଉଛି ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, ସ୍କନ୍ଧମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ । ଭାରତର ବିଭିନ୍ନ ପ୍ରାନ୍ତରେ ନବରାତ୍ରି ପାଳନର ବିବିଧ ପରମ୍ପରା ରହିଛି ।



ସଂସାରର ସମସ୍ତ ଗୁଣ ଦୟା, କ୍ଷମା, ନିନ୍ଦା, ଘୃଣା, ତୃଷ୍ଣା, ତୃପ୍ତି, ଶଙ୍କା, କାନ୍ତି, ଭକ୍ତି, ଧୃତି, ମତି, ତୃଷ୍ଟି, ପୃଷ୍ଟି, ଶକ୍ତି, ଲଜ୍ଜା ଅଗ୍ନିସ୍ଫୁଲିଙ୍ଗ ପରି ତୁମଠାରେ ନିହତ। ତେଣୁ ହେ ଦେବୀ ତୁମକୁ ଶତକୋଟି ନମସ୍କାର। 'ନମୋ ଦେବ୍ୟୈ ମହାଦେବ୍ୟୈ, ଶିବାୟୈ ସତତଂ ନମଃ। ନମଃ ପ୍ରକୃତ୍ୟୈ ଭଦ୍ରାୟୈ ନିୟତାଃ ପ୍ରଣତାଃ ସ୍ମତାମ୍।। ତୁମେ ଶାନ୍ତ ହୁଅ। ଏବେ ପାଳନକର୍ତ୍ତ୍ରୀ, କରୁଣାମୟୀ, କଲ୍ୟାଣକାରିଣୀ ରୂପ ଧାରଣ କର। ତୁମ ନିଶ୍ୱାସ ସ୍ୱାଭାବିକ ହେଉ। ତୁମ ଗର୍ଜନ ଶାନ୍ତ ପଡୁ। ତୁମ କେଶ ପୁଣି କୁଞ୍ଚିତ ହେଉ। ତୁମଠାରେ ଅଭୟା ମାତାର ସ୍ୱଭାବ ପୁନଃ ପ୍ରକଟିତ ହେଉ। ହେ କଲ୍ୟାଣୀ, ତୁମେ ମଙ୍ଗଳମୟୀ ଭାବେ ପ୍ରକଟିତ ହୁଅ। ମନ୍ତ୍ରାଣାଂ ମାତୃକା ଦେବୀ, ଶବ୍ଦାନାଂ ଜ୍ଞାନରୂପିଣୀ। ଜ୍ଞାନାନାଂ ଚିନ୍ମୟାତୀତା ଶୂନ୍ୟାନାଂ ଶୂନ୍ୟ ସାକ୍ଷିଣୀ, ଯସ୍ୟା ପରତରଂ ନାସ୍ତି ସୈବ୍ୟ, ଦୁର୍ଗା ପ୍ରକୀର୍ତ୍ତିତା। ଦେବତାମାନଙ୍କ ଏପରି ସମୂହ ସ୍ତୁତିଗାନ ଦେବୀଙ୍କ କର୍ଣ୍ଣରେ ପଡ଼ିବାମାତ୍ରେ ତାଙ୍କ କ୍ରୋଧ ଧୀରେ ଶାନ୍ତ ପଡ଼ିଲା। ଖର ନିଶ୍ୱାସ ସ୍ୱାଭାବିକ ହେଲା। ଚକ୍ଷୁଯୁଗଳ ଦୟାଦ୍ର ପାଲଟି ଗଲା। ମୁଖମଣ୍ଡଳରେ ମାତୃଭାବ ଉଦ୍ଭାସିତ ହେଲା। ଦକ୍ଷିଣ ହସ୍ତ ଅଭୟ ମୁଦ୍ରାଯୁକ୍ତ ହେଲା। ଜିହ୍ୱା ମୁଖଗହ୍ୱରକୁ ପ୍ରବେଶ କଲା। ସମସ୍ତ ଅସ୍ତ୍ର ଶାନ୍ତ ପଡ଼ିଲେ। ଚଣ୍ଡିକା ରୂପରୁ ଦେବୀ ପୁଣିଥରେ ଭୁବନେଶ୍ୱରୀ ପାଳନକର୍ତ୍ତ୍ରୀ ପାଲଟିଗଲେ। ସଂସାରର ଦୁର୍ଗତିନାଶନ କରିବା ପରେ ସେ ହୋଇଗଲେ ସଂସାରତାରିଣୀ - ଦେବତାଙ୍କ ସହ ଜଗତର ସମସ୍ତଙ୍କୁ ଅଭୟ ପ୍ରଦାନ କରି ସେ କହିଲେ - ସର୍ବାବାଧା ବିନିର୍ମୁକ୍ତେ ଧନଧାନ୍ୟ ସୁତାନ୍ୱିତ ମନୁଷ୍ୟା ମତ୍ ପ୍ରସାଦେନ ଭବିଷ୍ୟତି ନସଂଶୟଃ। ତେଣୁ ଶାରଦୀୟ ଓ ବାସନ୍ତୀ ଦୁର୍ଗାପୂଜା ଶେଷରେ ସଭିଏଁ ଯୋଡ଼ହସ୍ତରେ ନିବେଦନ କରିଥାନ୍ତି ହେ ଦେବୀ, ସଂସାରରୁ ସମସ୍ତ ଦୁଃଖ, କଷ୍ଟ, କ୍ଲେଷ ଦୂର ପାଇଁ ପ୍ରତିବର୍ଷ ତୁମେ ଆଗମନ କର। ଦୁଷ୍ଟ ବିନାଶ କର। ଏ ସଂସାରକୁ ରକ୍ଷା କର। ଏହିପରି ଭାବେ ତୁମ ଆଗମନ ଓ ପ୍ରତ୍ୟାଗମନ ଲାଗି ରହିଥାଉ।

'ସର୍ବସ୍ୱରୂପେ ସର୍ବେଶେ ସର୍ବଶକ୍ତିସମନ୍ୱିତେ। ଭୟେଭ୍ୟସ୍ତ୍ରାହି ନୋ ଦେବୀ ଦୁର୍ଗେ ଦେବୀ ନମୋସ୍ତୁତେ।।' ହେ ଦେବୀ! ଆପଣ ସମସ୍ତ ସ୍ୱରୂପ ଧାରଣ କରିପାରନ୍ତି, ଆପଣ ସମସ୍ତଙ୍କର ସ୍ୱାମିନୀ ଏବଂ ସମସ୍ତ ଶକ୍ତିର ସମାହାର। ଆପଣ ଆମ ସମସ୍ତଙ୍କୁ ସମସ୍ତ ଭୟରୁ ରକ୍ଷା କରନ୍ତୁ। ହେ ଦେବୀ ଦୁର୍ଗେ, ଆପଣଙ୍କୁ ନମସ୍କାର।

+ଆଇନଜୀବୀ,
ବଙ୍ଗାଳିସାହି, କଟକ,
ମୋ: ୭୩୨୫୯୦୪୯୨୭

## ଏକତ୍ୱ ହିଁ ଦୈବତ୍ୱ



ଅନୀତା ପଟ୍ଟନାୟକ

ସୃଷ୍ଟି ରୋଷେଇ ଘରକୁ ଯାଇ ଦେଖିଲା ତାର ମାଆ କଖାରୁ ଆଳୁ, ବାଇଗଣ ସବୁ କାଟୁଛନ୍ତି। ଚାକରାଣୀ ଦିବ୍ୟା ଗୋଟିଏ ଛୁରୀ ଧରି ଧନିଆ ପତ୍ର, ଲଙ୍କା, ଅଦା ପ୍ରଭୃତି କାଟି ପକାଉଛି। ଭଉଣୀ ଶ୍ରେଷ୍ଠା ପେଷିବା ଯନ୍ତ୍ରରେ ଗୁଡ଼ାଏ ଫଳକାଳି ଫଳରସ କରି ପକାଉଛି। ରୋଷେଇ ଘରେ ସେ ମାଆକୁ ପଚାରିଲା ସବୁ ଖଣ୍ଡ ଖଣ୍ଡ କରି ପକାଉଛ କାହିଁକ ?

ବିଜ୍ଞାନସାରା କହୁଥିଲେ ଦୁଇଟି ପଥର ବାଜି ଖଣ୍ଡ ଖଣ୍ଡ ହୋଇ ଏ ପୃଥିବୀ ଗଢ଼ା। ଏ ପୃଥିବୀରେ ମୁଁ ଦେଖୁଛି ସବୁ କିଛି ଖଣ୍ଡ ଖଣ୍ଡ ହୋଇ ଯାଉଛି। ଏହା କ'ଣ ସତ୍ୟ। ସୃଷ୍ଟିର ମାଆ ସୃଷ୍ଟିକୁ କହିଲେ ସମୟକ୍ରମେ ସବୁକିଛି ଖଣ୍ଡ ଖଣ୍ଡ ହୋଇଯାଏ। ଶ୍ରେଷ୍ଠା କହିଲା ବାପା କହୁଥିଲେ, ତାଙ୍କ ବାପା ଓ ଜେଜେଙ୍କର ଏକ ବିରାଟ ପରିବାର ଥିଲା। ଦିନେ ଖାଇବା ପାଇଁ ଖନ୍ଦା ବସୁଥିଲା। ପିତଳ ହଣ୍ଡାହାଣ୍ଡିରେ ରନ୍ଧା ହେଉଥିଲା କିନ୍ତୁ ଏବେ ଯେ ବିବାହ କରୁଛି ସେ ଏକ ଅଲଗା ଘରଟିଏ କରି ରହିବାକୁ ଚାହୁଁଛି। ସେ ପ୍ରବଚକ ମାନଙ୍କ ଠାରୁ ଶୁଣୁଛି ଏକତ୍ୱ ହିଁ ଦୈବତ୍ୱ। ବିଭିନ୍ନତା ମଧ୍ୟରେ ଏକତା ଦେଖ। କିନ୍ତୁ ପ୍ରକୃତରେ ସବୁ କିଛି ଖଣ୍ଡ ଖଣ୍ଡ ହୋଇଯାଉଛି। ଆଉ ସେ ଏକାନ୍ନବର୍ତ୍ତୀ ପରିବାର ନାହିଁ। ମାଆ କହିଲେ, ସବୁଆଡ଼େ ବିଭିନ୍ନତା ଦେଖାଯାଉଛି। ଦ୍ୱୈତ ମନୋଭାବ ଦେଖାଯାଉଛି। ଏହା ଦ୍ୱୈତ ମନୋଭାବ ନୁହେଁ। ଏହା ହେଉଛି ଦୈତ୍ୟ ମନୋଭାବ। ଏହି ଦୈତ୍ୟକୁ ସଂହାର କରିବା ପାଇଁ ଦେବୀ ଦୁର୍ଗାଙ୍କୁ ପ୍ରତିବର୍ଷ ବିରାଜମାନ ହେବାକୁ ପଡ଼ିଥାଏ।

ଦିନେ ଏକାଠି ଏକ ମନ, ଏକ ପ୍ରାଣ ହୋଇ ରହୁଥିବା ଭାଇମାନେ ଜମିବାଡ଼ି ଟଙ୍କା ପଇସା ପାଇଁ କୋର୍ଟ କଚେରୀକୁ ଧାଇଁ ଅଲଗା ଅଲଗା ହୋଇଯାଉଛନ୍ତି। ଯାଆଁଳା ଭାଇ ଭଉଣୀ ଧନସଂପତ୍ତି ପାଇଁ ପରସ୍ପର ଠାରୁ ଅଲଗା ଅଲଗା ହୋଇଯାଉଛନ୍ତି। ଏକାଠି ଯୋଡ଼ି ହୋଇଥିବା ଶରୀର ଓ ମୁଣ୍ଡକୁ ଡାକ୍ତରମାନେ ପରିଶ୍ରମ କରି ଅଲଗା କରିବା ପରେ ସେମାନେ ସମ୍ପର୍କରେ ଅଲଗା ଅଲଗା ଭାଗ ନେଉଛନ୍ତି। ଭଗବାନ ଗୋଟିଏ ପୃଥିବୀ ମଣିଷକୁ ଦେଇଥିଲେ ମଧ ଏହାକୁ ଭାଙ୍ଗି ସୀମା ନିର୍ଦ୍ଧାରଣ କରି ମନୁଷ୍ୟ ସମାଜ ନିଜ ନିଜ ଭିତରେ କଳହ କରୁଛି। ରୋଷେଇ ଘରେ ଏହି ସବୁ କଥା ଚାଲିଲାବେଳେ ବାପା ଦିବ୍ୟଶଙ୍କର ପିଲା ଓ ସ୍ତ୍ରୀ ସହ ଯୋଗ ଦେଲେ। ସେ କହିଲେ, ଏପରି କାହିଁକି ଘଟୁଛି କହିଲ ? ସେମାନଙ୍କୁ ବୁଝାଇ ଦିବ୍ୟଶଙ୍କର କହିଲେ କାରଣ ମନୁଷ୍ୟ ତାର ଶରୀରକୁ ଦେଖୁନାହିଁ କି ସେଥିରୁ କିଛି ଶିଖୁନାହିଁ। ଆଖି, କାନ, ନାକ, ପାଟି ଓ ଚର୍ମ ଏମାନଙ୍କର କାମ ଅଲଗା ଅଲଗା। ଆଖି ଶୁଣିପାରେ ନାହିଁ। କାନ ଦେଖିପାରେ ନାହିଁ। ପାଟି ଖାଇ ପରେ କଥା କହିପାରେ କିନ୍ତୁ ଶୁଙ୍ଘିପାରେ ନାହିଁ। ନାକୁ ଶୁଙ୍ଘିପାରେ କିନ୍ତୁ ଚର୍ମ ପରି ସ୍ପର୍ଶ କରିପାରେ ନାହିଁ। ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସା ମଣିଷ ଭିତରେ ଭଗବାନ ଖଞ୍ଜି ଦେଇଛନ୍ତି। କାମ, କ୍ରୋଧ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟ ମଣିଷ ଭିତରେ ଖଞ୍ଜିଛନ୍ତି। ଏହାକୁ ହାସଲ କରିବା ପାଇଁ ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟକୁ ଯିବା ଆବଶ୍ୟକ ନାହିଁ। କିନ୍ତୁ ଭଗବାନ ଶରୀରକୁ ଏପରି କରିଛନ୍ତି, ଯେ ଭଲ ଜିନିଷ ପାଇବା ପାଇଁ ସେ ବେଶି ସମୟ ପରିଶ୍ରମ କରିପାରି ନଥାଏ। କିନ୍ତୁ ଖରାପକାମ କରିବା ପାଇଁ ସେ ଚେଷ୍ଟିତ ହୁଏ। ଆଜି କାଲିର ପିଲାମାନେ ସତ କହିବାକୁ ଡରୁଛନ୍ତି। ମିଛ ଅର୍ନଗଳ କହିପାରୁଛନ୍ତି। ଲୋକଙ୍କର ଭଲ ଗୁଣ ବର୍ଣ୍ଣନା କରିପାରୁନାହାଁନ୍ତି। କିନ୍ତୁ ଦୁର୍ଗୁଣ ବଖାଣିବାରେ ପଟୁତା ଦେଖାଉଛନ୍ତି। ଆଧୁନିକତାର ଚାକଚକ୍ୟତା ଯୋଗୁ ଅଖାଦ୍ୟ ଖାଇ ରୋଗରେ ପୀଡ଼ିତ ହେଉଛନ୍ତି। ସାତ୍ତ୍ୱିକ ଖାଦ୍ୟ ରୁଚୁ ନାହିଁ। କାନରେ ଗୋଟିଏ ଶ୍ରବଣ ଯନ୍ତ୍ର ଖଞ୍ଜି ଯାହା ଶୁଣିବା କଥା ନୁହେଁ ତାହା ଗୋପନୀୟତାର ବାହାନା କରି ଶୁଣୁଛନ୍ତି। ମଣିଷ ଇନ୍ଦ୍ରିୟ ଗୁଡ଼ିକରେ ଦୁର୍ବ୍ୟବହାର କରୁଛି ଓ ପତନମୁଖି ହେଉଛି।

ସେ ପ୍ରତି ବର୍ଷ ଦ୍ୱୈତଭାବରେ ପ୍ରଚଣ୍ଡ ଦୈତ୍ୟ ମହିଷାସୁରର ବଧ ଦେଖୁଥିଲେ ମଧ ଦ୍ୱୈତ ଅସୁରକୁ ନିଜ ଭିତରୁ ଛାଡ଼ି ପାରୁନାହିଁ। ନାରୀ ଶକ୍ତିକୁ ପ୍ରକୃତ ପକ୍ଷେ ସମାଜ ସମ୍ମାନ କରିପାରୁନାହିଁ। ସେ ଧର୍ଷଣ, ବ୍ୟଭିଚାର, ବଳାତ୍କାର ଇତ୍ୟାଦିରେ ମାଡ଼ି ନିଜ ଜୀବନକୁ ଶେଷ କରି ଦେଉଛି। ଏକତ୍ୱ ହିଁ ଦୈବତ୍ୱ ଏହାକୁ ବୁଝିପାରୁ ନାହିଁ। ଶ୍ରେଷ୍ଠା କହିଲା ହଁ ସବୁ ଖଣ୍ଡ ଖଣ୍ଡ। ସୃଷ୍ଟି କିହଲା ଶ୍ରେଷ୍ଠା ଅପା ମୋର ଭଲ ଖାଇବାରୁ ଖାଇ ଦେଇଥିବାରୁ ତାର ମୋର ଗଣ୍ଡଗୋଳ ହେଉଛି। ମଧୁ ତ ସ୍କେଟଭ ପରି ଦୈତ୍ୟ ଓ ଦାନବ ମାନେ କାନରୁ ବାହାରୁଥିଲେ ମଧ ମଣିଷ ତାର କାନର ସଦବ୍ୟବହାର କରି ପାରୁନାହିଁ। ଦେବୀଙ୍କ ଆଗରେ ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରିବା ଛାଡ଼ି ମେଲୋଡି ଓ ନୃତ୍ୟରେ ନିଜକୁ ହଜାଇ ଦେଉଛି। ଟଙ୍କା ଓ ପ୍ରତିପତ୍ତି ପାଇଁ ପୂଜା କମିଟି ସବୁ ଅଲଗା ଅଲଗା ଗଠିତ ହେଉଛି। ତେଣୁ ଏକତ୍ୱ ନାହି କି ଦୈବତ୍ୱ ନାହିଁ। ଯଦି କିଛି ଅଛି ତାହା ହେଉଛି ଦୁର୍ଗାପୂଜା ଚାନ୍ଦା ଓ ଚାନ୍ଦାର ଅପବ୍ୟବହାର। ଏହି କାରଣ ପାଇଁ ଦେବୀଙ୍କୁ ପ୍ରତିବର୍ଷ ଆସିବାକୁ ପଡୁଛି ଓ ଏକତ୍ୱ ହିଁ ଦୈବତ୍ୱ ବୁଝାଇବାକୁ ପଡୁଛି।

+ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ,
ସିଡିଏ, କଟକ,
ମୋ : ୯୬୯୨୯୮୦୦୨୬

## ନାରୀଜାତିର ପ୍ରତୀକାତ୍ମକ

(ପୃଷ୍ଠା ୨ର ଅବଶିଷ୍ଟାଂଶ)

ସ୍ୱାଧୀନ ଭାରତରେ ନାରୀ ଶିକ୍ଷା, ସ୍ୱାସ୍ଥ୍ୟ, ବୈଷୟିକ ବିଜ୍ଞାନ, କୃଷି, ସେନାବାହିନୀ, ଆଦି କ୍ଷେତ୍ରରେ ନିଜର ସ୍ଥିତିକୁ ଜାହିର କରିପାରିଛି । ନାରୀମାନେ ଯେତେ ଉଚ୍ଚଶିକ୍ଷିତା, ଜ୍ଞାନୀ, ଧନୀ, କର୍ମକୁଶଳୀ, କଷ୍ଟସହିଷ୍ଣୁ ହେଲେ ମଧ୍ୟ ସେମାନଙ୍କ ପ୍ରତି ପୁରୁଷମାନଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ହେଉ ନାହିଁ । ନାରୀର ସମସ୍ତ ଗୁଣ ଆଧୁନିକତାର ଅଧୋଗତି ରାସ୍ତାରେ ମିଳାଇ ଚାଲିଛି । ସବୁଠି ଅପ ସଂସ୍କୃତିର କରାଳକାୟା ବିସ୍ତାରକରିଛି । ଅନେକ ସ୍ଥାନରେ ନାରୀର ବେଶଭୂଷା, ଆଚାର ବ୍ୟବହାରରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ମନେହୁଏ ପୁରୁଷ ସମାଜର ମନୋରଂଜନ ସାମଗ୍ରୀ ହେଉଛି ନାରୀ । ନାରୀ ଜୀବନର ଶ୍ରେଷ୍ଠ ସମ୍ପଦ ଅର୍ପିତ ହୋଇଯାଏ ଅର୍ଥ ଓ ପ୍ରଲୋଭନ ନିକଟରେ । ସତେ କ'ଣ ଏହି ବିଭତ୍ସ ପରମ୍ପରାକୁ ଆମେ ରୋକି ପାରିବା ନାହିଁ ! ଅର୍ଥଲାଳସାରେ କବଳିତ ହୋଇ ନାରୀତ୍ୱକୁ କଳଙ୍କିତ କରିବସିଲେ ଫଳ କ'ଣ ହେବ !! ପୁରାଣ ଓ ଇତିହାସରୁ ନାରୀମାନଙ୍କ ପ୍ରତି ଥିବା ଭକ୍ତି, ଶ୍ରଦ୍ଧା, ମମତା ଓ ସମ୍ମାନକୁ ଭୁଲିଗଲେ ନାରୀର ନିଜତ୍ୱ ରହିବ ତ !!! ବହୁ ନାରୀ ଆମ ସମାଜ ପାଇଁ ଉଦାହରଣ ପାଲଟିଥିବା ବଳେ ଆଉ କେତେକ ବିଜ୍ଞାପିତ ହୋଇ ନାରୀ ସମାଜ ପାଇଁ କଳଙ୍କର ଦାଗ ବହିଛନ୍ତି । ସେଦିନର ଗାର୍ଗୀ, ମୈତ୍ରେୟୀ, ଲକ୍ଷ୍ମୀବାଈଙ୍କ ଭଳି ମହିଳା ଏବେ ମଧ୍ୟ ଅଛନ୍ତି ଦେଶ ଶାସନରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଆଦି ପଦବୀ ମଣ୍ଡନ କରି ଅତି ଦକ୍ଷତାର ସହ ସେମାନଙ୍କର ପରାକାଷ୍ଠା ପ୍ରଦର୍ଶନ କରିବା ପୂର୍ବକ ସର୍ବୋଚ୍ଚ ଆସନ ଅଳଙ୍କୃତ କରିବାର ଗୌରବ ଅର୍ଜନ କରିଛନ୍ତି । କିନ୍ତୁ କିଛି ମହିଳାଙ୍କ ଆଚରଣ ଓ ବ୍ୟବହାରରେ ବ୍ୟବସାୟିକ ମନୋବୃତ୍ତି ତଥା ପାଶ୍ଚାତ୍ୟ ସଂସ୍କୃତିର ଛଟା ପରିଲକ୍ଷିତ ହୁଏ । ଶେଷରେ ଏତିକି କୁହାଯାଇପାରେ ପୌରାଣିକ ଯୁଗରେ ମହିଷାସୁର ଓ ତା'ର ଚରମାନଙ୍କ ଦୃଷ୍ଟିନେଇ ନାରୀଙ୍କୁ ନଦେଖି, ଦେବତାମାନଙ୍କ ଅମୃତ ମୟ ଦୃଷ୍ଟିରେ ଦେଖିଲେ ସେମାନେ ଆପେ ଆପେ ମାତୃରୂପରେ ବିଦ୍ୟମାନ ହେବେ । ସାର୍ଥକ ହେବ ନାରୀଜାତିର ପ୍ରତିକାତ୍ମକ ପୂଜା ଦୁର୍ଗାପୂଜାର ଉଦ୍ଦେଶ୍ୟ ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

## ପ୍ରହସନ ପାଲଟିଲା 'ମୁଁ ବି ସ୍କୁଲ ଯିବି' ଅଭିଯାନ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ମା' ଛେଉଣ୍ଡ ଭାଇ ଭଉଣୀ 'ବର୍ଷା' ଓ 'ବିକ୍ରମ'



ଉଦଳା, ୩୦/୯ (ନି.ପ୍ର): କପ୍ତିପଦା ବ୍ଲକ ଅଂଚଳ ମଧ୍ୟରେ ଅଧାରୁ ପାଠପଢ଼ା ଛାଡୁଥିବା ଓ ଆଦୌ ବିଦ୍ୟାଳୟର ମାଟି ମାଡ଼ି ନଥିବା ସମସ୍ତ ପିଲାଙ୍କୁ ଶିକ୍ଷାକେନ୍ଦ୍ରକୁ ନେବା ଉଦେଶ୍ୟରେ ଶିକ୍ଷା ବିଭାଗ ତରଫରୁ ଆଜକୁ ୩ ବର୍ଷ ତଳୁ ଆରମ୍ଭ ହୋଇଥିଲା 'ମୁଁ ବି ସ୍କୁଲ ଯିବି' ଅଭିଯାନ । ଉକ୍ତ ଅଭିଯାନକୁ ସଫଳ କରିବା ପାଇଁ ମୋଟା ଅଙ୍କରେ ଦରମା ନେଇ ନିଯୁକ୍ତି ପାଇଥିବା ସରକାରୀ ବାବୁ ମାନେ ତତ୍ପରତା ପ୍ରକାଶ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । କିନ୍ତୁ ଏସବୁ ଯେ କେବଳ ପ୍ରହସନ ଥିଲା ତାହା ବୁଝିବା ଏବେ କିଛି ଅସୁବିଧା ହେଉନାହିଁ । ସରକାରୀ ବାବୁ ମାନେ ନିଜର ଟିଆରପି ବଢ଼ାଇବା ଓ ପୁରସ୍କାର ପାଇବା ପାଇଁ ଫାଇଲ ଚାଷ ଉଦେଶ୍ୟରେ ଏଭଳି ଅଭିନୟ କରୁଥିବାର କଥା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । କପ୍ତିପଦା ବ୍ଲକର ବଡ଼ଖଲାଡ଼ି ପଂଚାୟତ ଅନ୍ତର୍ଗତ ଚଟୁରୀଘାଟି ଗ୍ରାମର ମା' ଛେଉଣ୍ଡ ଦୁଇ ଭାଇ ଭଉଣୀ ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଖବର ଆମର ହସ୍ତଗତ ହୋଇଛି । ଉକ୍ତ ଗ୍ରାମର ବାସିନ୍ଦା ବାବୁଲା ବିନ୍ଧାଣିଙ୍କର ୧୩ ବର୍ଷ ବୟସର କନ୍ୟା 'ବର୍ଷା' ଓ ୧୬ ବର୍ଷ ବୟସର ପୁତ୍ର 'ବିକ୍ରମ' ପାଠ ପଢ଼ାରେ ଡ଼ୋରି ବାନ୍ଧିଦେଇଛନ୍ତି । ଖବର ନେବାରୁ ଗ୍ରାମ ନିକଟରେ ଥିବା ଫୁଲବାଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଏହି ଦୁଇ ଭାଇଭଉଣୀ ଅଷ୍ଟମ ଶ୍ରେଣୀ ପାସ କରିଛନ୍ତି । ପରେ ନବମ ଶ୍ରେଣୀରେ ନାମ ଲେଖାଇ ନପାରି ଆଜକୁ ଗୋଟିଏ ବର୍ଷ ତଳେ 'ବର୍ଷା' ଓ ତିନି ବର୍ଷ ତଳେ 'ବିକ୍ରମ' ପାଠ ପଢ଼ା ଚାଡ଼ିଛନ୍ତି । ଦୂରରେ ବିଦ୍ୟାଳୟ ଥିବା ସହିତ ପରିବାରର ଆର୍ଥିକ ଅବସ୍ଥା ସ୍ୱଛଳ ନଥିବାରୁ ପାଠପଢ଼ା ଛାଡ଼ିବାକୁ ବାଧ୍ୟ ହୋଇଥିବାର କଥା ସେମାନେ ଜଣାଇଛନ୍ତି । ହଷ୍ଟେଲରେ ରହି ପାଠପଢ଼ିବାକୁ ଚାହୁଁଥିବା ଉକ୍ତ ମା' ଛେଉଣ୍ଡ ଦୁଇ ଭାଇ ଭଉଣୀଙ୍କୁ ହଷ୍ଟେଲ ସିଟ୍ ମିଳିନଥିବା କଥା ସେମାନେ କହିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି ।

## ସ୍ମରଣିକା ବରେଣ୍ୟ ବିଷ୍ଣୁମୋହନ ଲୋକାର୍ପିତ



ବାସୁଦେବପୁର, ୩୦/୯ (ନି.ପ୍ର): ମହାସପ୍ତମୀରେ ବାସୁଦେବପୁର ବ୍ଲକସ୍ଥ ବାରାପୁର ଦୁର୍ଗା ମଣ୍ଡପଠାରେ ଡ. ଶିଶିର କୁମାର କରଙ୍କ ସଭାପତିତ୍ୱରେ ବରେଣ୍ୟ ବିଷ୍ଣୁମୋହନ ଲୋକାର୍ପିତ ହୋଇଯାଇଛି । ସ୍ମରଣିକା ଉନ୍ମୋଚନ କରିଥିଲେ ମୁଖ୍ୟ ଅତିଥି ଉଦୟ ନାରାୟଣ ଦାଶ ମହୋଦୟ। ସମ୍ପାଦକ ଜଗବନ୍ଧୁ ପଣ୍ଡା ସ୍ମରଣିକା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଗୁରୁଙ୍କର ଜ୍ୟୋଷ୍ଠାକନ୍ୟା ବିଦ୍ୟୁତପ୍ରଭା ପିତାଙ୍କୁ ସାଗର ସହିତ ତୁଳନାକରି ଲୁହ ଝରାଇଥିଲେ । ଅନ୍ୟ ସମ୍ମାନିତ ଅତିଥି ମହୀରଂଜନ ସାହୁ ବିଷ୍ଣୁମୋହନଙ୍କ ଲୋକପ୍ରିୟତା କଥା କହିଥିଲେ । ମୁଖ୍ୟ ବକ୍ତା ଡ. ଶିରୀଶ୍ ଚନ୍ଦ୍ର ଜେନା ବିଷ୍ଣୁମୋହନଙ୍କୁ ବାରାପୁରର ନବ ଜାଗରଣ ବୋଲି ପ୍ରମାଣିତ କରି ଶ୍ରୋତାବର୍ଗଙ୍କୁ କରିଥିଲେ ମନ୍ତ୍ରମୁଗ୍ଧ। ମୁଖ୍ୟ ଅତିଥି କାନ୍ଦ କାନ୍ଦ ହୋଇ ସ୍ମୃତିଚାରଣ କରିଥିଲେ। ଶେଷରେ ସଭାପତି ଗୁରୁଙ୍କର ଅସାମାନ୍ୟ ଗୁଣାବଳୀକୁ ବାରାପୁରର ଜନତା ଚରିତ୍ରରେ ପ୍ରତିଫଳିତ କରିପାରିଲେ ହେବ ଉତ୍ତମ ଶ୍ରଦ୍ଧାଂଜଳି ବୋଲି କହିଥିଲେ । ଧନ୍ୟବାଦ ଦେଇଥିବା ବିଷ୍ଣୁମୋହନ ସନ୍ଧ୍ୟାର ମେଲୋଡି ସଂଚାଳକ ଯଶୋବନ୍ତ ପାଢୀ ବଡ଼ବାପାଙ୍କ କୃପାରୁ ଗାନ୍ଧର୍ବକଳା ଲାଭ କରିଥିବା କଥା ସ୍ୱୀକାର କରିଥିଲେ। ଏହି ସଭାରେ ଅମିୟ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବାସହ ପରିଚୟ ପର୍ବ ସମ୍ଭାଳିଥିଲେ ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ: ଥାନାରେ ମାମଲା

ବସ୍ତା , ୩୦/୯ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ଛାନୁଆ ପଞ୍ଚାୟତର ଭଦ୍ରସିଆ ଗ୍ରାମର ଅଚ୍ୟୁତାନନ୍ଦ ମନ୍ତ୍ରୀ ଗତ ୧୪ ତାରିଖ ଦିନ ସନ୍ଧ୍ୟା ୬.୩୦ ଘଟିକା ସମୟରେ ବଜାରରୁ ଘରକୁ ଫେରୁଥିବା ସମୟରେ ପୂର୍ବରୁ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଲକ୍ଷ୍ମୀଧର ଜେନା(ବାବୁଲି) ନାମକ ଜୈନିକ ବ୍ୟକ୍ତି, ସୁରେଶ ମଲିକ(ଟୁନା) ତାଙ୍କ କିଛି ସହଯୋଗି ଆସି ଅତରକ୍ରିତ ଭାବେ ଆକ୍ରମଣ କରିବା ସହିତ ତାଙ୍କୁ ଜୀବନରୁ ମାରିଦେବା ଧମକ ଦେଇ ଥିଲେ ଶ୍ରୀ ମନ୍ତ୍ରୀ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ବର୍ଗଙ୍କୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ରେମୁଣା ସ୍ଥିତ ସରକାରୀ ଚିକିତ୍ସାଳୟକୁ ନେଇ ଯାଇଥିଲେ। ଚିକିତ୍ସାଳୟ ରୁ ଚିକିତ୍ସିତ ହୋଇ ୧୬/୯ରେ ଫେରିବା ପରେ ବସ୍ତା ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ହେଁ ୧୦ ଦିନ ବିତି ଯାଇଥିଲେ ପୋଲିସ ଘଟଣାର ତଦନ୍ତ କରିନଥିବାରୁ କିମ୍ବା ପଦକ୍ଷେପ ଗ୍ରହଣ କରୁନଥିବାରୁ ଶ୍ରୀ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହିତ ନ୍ୟାୟ ପ୍ରଦାନ ନକଲେ ବସ୍ତା ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ପ୍ରକାଶ କରିଛନ୍ତି।

## ରୂପ୍‌ସା ପୁଲିସ ଦ୍ୱାରା ଧଳା ଜହର ଜବତ: ଅଭିଯୁକ୍ତ ଗିରଫ

ବସ୍ତା,୩୦।୯(ନିପ୍ର):ରୂପସା ପୁଲିସ ପକ୍ଷ ରୁ ଅତର୍କିତ ଚଢ଼ାଉ ହୋଇ ୬୦ ନଂ ଜାତୀୟ ରାଜପଥ ଜୁକନଣ୍ଡି ଛକରୁ ଆଜି ୬ ଗ୍ରାମ ଓଜନର ଧଳା ଜହର ଜବତ ହୋଇଛି ଯାହାର ଆନୁମାନିକ ମୂଲ୍ୟ ହେବ ୬୦ ହଜାର ଟଙ୍କା।ଏ ସଂକ୍ରାନ୍ତରେ ରୂପସା ସାମିଲ ହସନ ପୁର ଗାଁର ସୂର୍ଯ୍ୟ କାନ୍ତ ବେହେରାର ପୁଅ ରତନ କୁମାର ବେହେରା (୨୫ବର୍ଷ)କୁ ଥାନା ଅଧିକାରୀଣୀ ମୌସୁମୀ ମହାନ୍ତି ଗିରଫ କରି କେଶନଂ ୧୦୩/ ୨୦୨୫ରେ ମାମଲା ରୁଜୁ ସହ ଗିରଫ କରିଛନ୍ତି ।

## ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର କୁଳମଣି ବରାଳଙ୍କ ଜୟନ୍ତୀ ପାଳନ



କେନ୍ଦ୍ରାପଡ଼ା , ୩୦/୯ (ନି.ପ୍ର): କେନ୍ଦ୍ରାପଡ଼ା ଅଞ୍ଚଳର ସ୍ୱନାମଧନ୍ୟ ଡାକ୍ତର କୁଳମଣି ବରାଳଙ୍କ ଜୟନ୍ତୀ ତାଙ୍କ ପୁରୁଣା ମେଡିକାଲ ଚିକିତ୍ସା ପ୍ରକୋଷ୍ଠରେ ପାଳନ କରାଯାଇଛି । ଏଥିରେ କେନ୍ଦ୍ରାପଡ଼ାର ଅନେକ କବି ଓ ଲେଖକମାନେ ଯୋଗଦେଇ ଡାକ୍ତର ବରାଳଙ୍କ ଉନ୍ନତମାନର ଚିକିତ୍ସା, ସାଧାରଣ ଲୋକମାନଙ୍କ ପ୍ରତି ସାହାଯ୍ୟ ମାନସିକତା ଏବଂ ସାହିତ୍ୟପ୍ରତି ତାଙ୍କର ରୁଚିଶୀଳତା ଉପରେ ଆଲୋଚନା କରିଥିଲେ । 'ମୌସୁମୀ'ର ସମ୍ପାଦକ କବି ଡ. ଶ୍ରୀଧର ସାମଲ, କବି ବୃନ୍ଦାବନ ଦାସ, କବି ପ୍ରେମାନନ୍ଦ ଖଣ୍ଡୁଆଳ, କବି ରଞ୍ଜନ ବାଇ, କବି ଗୋଲାପ ରାଉତ ଏବଂ ଚିତ୍ରଶିଳ୍ପୀ କ୍ଷୀରୋଦ ରାଉତ ପ୍ରମୁଖ ତାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରିବାସହ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ତାଙ୍କୁ ଦୀର୍ଘାୟୁ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ଡାକ୍ତର ବରାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପରାଗର ଦୁର୍ଗାପୂଜା ସଂଖ୍ୟା ଉନ୍ମୋଚିତ



ଆଳି, ୩୦/୯ (ନି.ପ୍ର): ଆଳି ଅଂଚଳରୁ ଗତ ୪୨ ବର୍ଷ ଧରି ପ୍ରକାଶ ପାଇଆସୁଥିବା ଅଂଚଳ ର ସର୍ବ ପ୍ରାଚୀନ ସାହିତ୍ୟ ପତ୍ରିକା 'ପରାଗ' ର ଦୁର୍ଗାପୂଜା ବିଶେଷାଙ୍କ ଗତ ରବିବାର ଦିନ ଭୁବେନେଶ୍ୱରସ୍ଥିତ ପୁରୁଣା ବସଷ୍ଟାଣ୍ଡରେ ମା ନାରାୟଣୀ ବୁକ୍ ଷ୍ଟଲ ସମ୍ମୁଖ ରେ ଉନ୍ମୋଚିତ ହୋଇ ବଜାର ପ୍ରବେଶ କରିଛି ।ଏହି ଉନ୍ମୋଚନ କାଯ୍ୟକ୍ରମରେ ଓଡିଶାର ବିଶିଷ୍ଟ ଗାଳ୍ପିକ ରାଜ୍ୟ ବର୍ଦ୍ଧନ ଧଳ ମହାପାତ୍ର, କ୍ଷୀରୋଦ ଦାସ, ବିଶିଷ୍ଟ କବି ନିରାକାର ଦାସ, ପାହାଚର ସମ୍ପାଦକ ତଥା କବି କମଳ କୁମାର ମହାନ୍ତି, କବି ସୁରେଶ ନାୟକ, ଭରତ ବେହେରା, ଜାକିର ଖାନ, ପଲବୀ ଦାସ, ନାରାୟଣୀର ସତ୍ୱାଧୀକାରୀ ବାବୁଲି ବାବୁ,ଯୋଗ ଦେଇ ମିଳିତ ଭାବେ ପତ୍ରିକାଟିକୁ ଉନ୍ମୋଚିତ କରିଥିଲେ। ପତ୍ରିକାର ସମ୍ପାଦକ ବନମାଳୀ ସେନାପତି କାର୍ଯ୍ୟକ୍ରମକୁ ସଂଯୋଜିତ କରିଥିଲେ। । ପରାଗକୁ ଚଳିତ ବର୍ଷ ୪୩ ବର୍ଷ ପୁରିଛି। ବିଗତ ୪୨ ବର୍ଷ ଧରି ପରାଗ ଅନେକ ଘାତ ପ୍ରତିଘାତ ଦେଇ ଗତିକରିଛି ଏବଂ ଆଗାମୀ ଦିନରେ ଏହି ସାହିତ୍ୟ ପତ୍ରିକା ତାର ଜୟଯାତ୍ରା ଚଳେଇରଖିବ ବୋଲି ସାହିତ୍ୟିକ ମାନେ ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷ ଏହା ଭଲ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ପୋଷଣ କରିଥିଲେ। ଏହି ସଂଖ୍ୟାରେ ୨୮ଟି ଗପ, ୧୦୨ ଟି କବିତା, ତିନୋଟି ପ୍ରବନ୍ଧ, ଦୁଇଟି ଅନୁବାଦ ଗପ, ଦୁଇଟି ଫିଚର ପ୍ରକାଶ ପାଇଛି। ପତ୍ରିକାର କଳେ ବର ବୃହତ ନ ହେଲେବି ଆକର୍ଷଣୀୟ। ଓ ଏଥିରେ ୪୧୧ ପୃଷ୍ଠା ରହିଛି।

## ଗରସଙ୍ଗରେ ବ୍ଲକସ୍ତରୀୟ ଗୀତାବୃତି ପ୍ରତିଯୋଗିତା

ଖଇରା, ୩୦/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଖଇରା ବ୍ଲକ ଅନ୍ତର୍ଗତ ଗରସଙ୍ଗ ସ୍ଥିତ ଜନ୍ମେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୀତାବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହାେଇ ଯାଇଛି । ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ଖିଲାର ସଭାପତିତ୍ୱ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ପତ୍ରୀ, ସମ୍ମାନନୀୟ ଅତିଥି ଭାବେ ବୁଦ୍ଧିରାମ ପାଣିଗ୍ରାହୀ,ଗଜେନ୍ଦ୍ର ସେନାପତି ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।ଶିବ ପ୍ରସାଦ ବଳ ସ୍ୱାଗତ ଭାଷଣ ଓ ବିଜୟ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ବିଦ୍ୟାଧର ଦ୍ୱିବେଦୀ ଓ ପ୍ରଦ୍ୟୁମ୍ନ ନାୟକ ମିଶନର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

## ଧୈର୍ଯ୍ୟ ଓ ପରିଶ୍ରମ ବଳରେ ସଫଳତା ପାଇଲେ ବଡ଼ସାହିର ଜୟଶ୍ରୀ ଦଳେଇ



ବାରିପଦା , ୩୦/୯ (ନି.ପ୍ର): ବଡ଼ସାହି ବ୍ଲକ କଇଁଶାଳି ଗ୍ରାମର ବିଶ୍ୱଜିତ ଦଳେଇ ଓ କଲ୍ପଲତା ଦଳେଇଙ୍କ କନ୍ୟା ତଥା ଗଜପତି ଜିଲ୍ଲାର ଲୁଗାଗୁଡ଼ି ଗ୍ରାମର ସ୍ୱର୍ଗତଃ ଭିକାରୀ ଚରଣ ପାତ୍ର ଓ ସ୍ୱର୍ଗତାଃ କୃଷ୍ଣା ପାତ୍ରଙ୍କ ପୁତ୍ରବଧୂ ଜୟଶ୍ରୀ ଦଳେଇ ଓଡିଶା ପ୍ରଶାସନିକ ସେବା ପରୀକ୍ଷା - ୨୦୨୩ରେ ୨୩୧ ରାଙ୍କ ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ର ଜୀବନରେ ସେ ଜଣେ ଅଧ୍ୟବସାୟୀ ମେଧାବୀ ଛାତ୍ରୀ ଭାବେ ପରିଚିତା ଥିଲେ। ସେ ୨୦୦୭ ମସିହାରେ ବଡ଼ସାହି ଉଚ୍ଚ ବିଦ୍ୟାଳୟରୁ ମ୍ୟାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ୨୦୦୯ରେ ବଡ଼ସାହି ପିଏସ କଲେଜରୁ ଯୁକ୍ତ ଦୁଇ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ,୨୦୧୨ରେ ଏମ ପି ସି ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଯୁକ୍ତ ତିନି ରେ ରସାୟନ ବିଜ୍ଞାନ ସମ୍ମାନ ସହ ପ୍ରଥମ ଶ୍ରେଣୀରେ ଏବଂ ୨୦୧୪ ରେ ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରୁ ରସାୟନ ବିଜ୍ଞାନରେ ଟପ୍ପର ହୋଇ ଉତ୍ତୀର୍ଣ୍ଣ ହୋଇଥିଲେ। ପିଲାଦିନେ ତା'ଙ୍କ ଜେଜେବାପା, ବଡ଼ସାହିରେ ଡାକ୍ତର ଭାବେ କାର୍ଯ୍ୟରତ ଥିବା ସ୍ୱର୍ଗତଃ ବୃନ୍ଦାବନ ଚନ୍ଦ୍ର ଦଳେଇଙ୍କ ଲୋକଙ୍କ ସେବା କରିବା ମନଭାବ ତାଙ୍କୁ ଅନେକ ମାତ୍ରାରେ ଅନୁପ୍ରାଣିତ କରିଥିଲା। ସେଥିପାଇଁ ପାଠ ପଢା ପରେ ସେ ଓଡିଶା ସିଭିଲ ସର୍ଭିସରେ ଯୋଗ ଦେବା ପାଇଁ ମନ ବଳାଇ ଥିଲେ। ବିବାହ ପରେ ତା'ଙ୍କ ଶ୍ୱଶୁରାଳୟର ଲୋକଙ୍କ ଦ୍ୱାରା ଉତ୍ସାହିତ ହୋଇ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ସେ ଦୁଇ ଦୁଇ ଥର ବିଫଳ ହେଲେବି ହାର ମାନି ନଥିଲେ, ପରିବାର ବର୍ଗଙ୍କ ପ୍ରେରଣା ଓ ଉତ୍ସାହରେ ଇଶ୍ୱରଙ୍କ ପ୍ରତି ବିଶ୍ୱାସ ରଖି ଜଣେ ସୁଗୃହିଣୀ ଭାବେ ନିଜ ଦାୟିତ୍ୱ ତୁଲାଇବା ସହ ତା'ଙ୍କର ପ୍ରଚେଷ୍ଟା ଜାରି ରଖିଥିଲେ ଏବଂ ନିଜର କଠିନ ପରିଶ୍ରମ ବଳରେ ତୃତୀୟ ଥରରେ ତା'ଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରିଛନ୍ତି। ସେ ତା'ଙ୍କର ଏହି ସଫଳତା ପାଇଁ ଇଶ୍ୱରଙ୍କ ଆଶୀର୍ବାଦ, ପରିବାରବର୍ଗ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କୁ ଶ୍ରେୟ ଦେଇଛନ୍ତି। ପ୍ରକାଶ ଥାଉକି ତା'ଙ୍କ ସ୍ୱାମୀ ଶ୍ରୀ ଅତନୁ କୁମାର ପାତ୍ର ମଧ୍ୟ ୨୦୧୯ ବ୍ୟାଚର ଜଣେ ଓଡିଶା ପ୍ରଶାସନିକ ସେବା ଅଧିକାରୀ ଯିଏକି ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲା ସବ ରେଜିଷ୍ଟ୍ରାର ଭାବେ କାର୍ଯ୍ୟରତ।

## ସୁନମ୍ରର ଏକାଦଶାହରେ ଶ୍ରଦ୍ଧାଞ୍ଜଳି

ବୈଶିଙ୍ଗା, ୩୦/୯ (ନି.ପ୍ର): ବୈଶିଙ୍ଗା ମିଡିଆ ସେଣ୍ଟର ର ପରିଚାଳକ ତଥା ସାମ୍ବାଦିକ ବିମଳେନ୍ଦୁ ମହାପାତ୍ରଙ୍କ ସାନଭାଇ ସୁନମ୍ର (ପପୁ)ର ଏକାଦଶାହରେ ଆଜି ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସାମ୍ବାଦିକ ସୀତାନାଥ ବେହେରା, ସଞ୍ଜୟ ମିଶ୍ର, ମଧୁସୂଦନ ମହାନ୍ତି, ବିମଳେନ୍ଦୁ ମହାପାତ୍ର, ସ୍ୱରୁପ ପଟ୍ଟନାୟକ ପ୍ରଭୃତି ଯୋଗ ଦେଇ ଅମର ଆତ୍ମାର ସଦ୍ ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ

## ପବିତ୍ର ଦୁର୍ଗାଷ୍ଟମୀରେ ବୈଶିଙ୍ଗା ଅଞ୍ଚଳ ଉତ୍ସବର ମାହୋଲ

ବୈଶିଙ୍ଗା , ୩୦/୯ (ନି.ପ୍ର): ପାର୍ବଣ ପୂର୍ବରୁ ଲଘୁଚାପ ଜନିତ ବର୍ଷା ସମସ୍ତଙ୍କ ମନ ଫିକା ପକାଇ ଦେଇଥିଲା। ମାତ୍ର ଷଷ୍ଠୀ ଠାରୁ ବର୍ଷା ଛାଡି ଯିବା ଯୋଗୁଁ ଏକ ଆନନ୍ଦର ଉତ୍ସବର ମାହୋଲ ସୃଷ୍ଟି ହୋଇଥିବାର ଦେଖା ଦେଇଛି । ବୈଶିଙ୍ଗା ଶିବାଜୀ ଯୁବକ ସଂଘ ଆନୁକୂଲ୍ୟରେ ଅଞ୍ଚଳିକ ଦୁର୍ଗା ପୂଜାରେ ଆଜି ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିବାର ଦେଖାଯାଇଥିଲା । ପୂଜା କମିଟିର ସଭାପତି ଶୁଭ୍ରାନ୍ତ ତିଆଡି, ସମ୍ପାଦକ ବିମଳେନ୍ଦୁ ମହାପାତ୍ର,ସବ୍ୟସାଚୀ ପଣ୍ଡା, ବନମାଳି ବିନ୍ଧାଣୀ, କ୍ଷେମାଶିଷ ବେହେରା, ସତ୍ୟନାରାୟଣ ବିନ୍ଧାଣୀଙ୍କ ସହିତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ବଡଖିରୀପଦା ଠାରେ ୨୨ତମ ସର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି । ପୂଜା କମିଟିର ସଭାପତି ହିମାଂଶୁ ବିନ୍ଧାଣୀ, ସମ୍ପାଦକ ଯୋଗେଶୂର ପଣ୍ଡା, କୋଷାଧ୍ୟକ୍ଷ ଅଜୟ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ସେହିପରି ଦାରିହା ସ୍ଥିତ ସାର୍ବଜନୀନ ଦୁର୍ଗାପୂଜା ଖୁବ୍ ଜାକ ଜମକରେ ପାଳିତ ହୋଇ ଥିବାର ଦେଖାଯାଇଥିଲା । ମୂଖ୍ୟତ ରଘୁନାଥ ଜେନା, ଦିବାକର ମହାପାତ୍ର, ଉପେନ୍ଦ୍ର ଜେନା, ପାଟଳିପୁରା ସରପଞ୍ଚ, ସମିତି ସଭ୍ୟା ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ ।


ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ-୦୬୭୪-୨୪୩୧୮୪୦,ମୋ-୮୯୮୪୪୬୫୯୬୫

ଏକାଡେମୀର କେତେକ ମର୍ଯ୍ୟାଦାବନ୍ତ ପ୍ରକାଶନ

| | | |
|---|---|---|
| ୧. ଭାରତୀୟ ନୃତ୍ୟକଳା | ଧୀରେନ୍ଦ୍ରନାଥ ପଟ୍ଟନାୟକ | ଟ ୨୭୫.୦୦ |
| ୨. ନାଟ୍ୟଶାସ୍ତ୍ର - ୧ମ ଭାଗ | ଅନୁବାଦ: ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ | ଟ ୩୮୦.୦୦ |
| ୩. ନାଟ୍ୟଶାସ୍ତ୍ର - ୨ୟ ଖଣ୍ଡ | ଅନୁବାଦ: ଶ୍ରୀନିବାସ ଉଦ୍‌ଗାତା | ଟ ୨୦୦.୦୦ |
| ୪. ଶ୍ରୀଜଗନ୍ନାଥ : ଐତିହ୍ୟ ଶତକ | ଲେ: ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର | ଟ ୧୫୦.୦୦ |
| ୫. ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ- (ଗଦ୍ୟ ପର୍ବ)-୩ୟ ଭାଗ | ସଂ: ଡକ୍ଟର ବିଜୟାନନ୍ଦ ସିଂହ | ଟ୧୫୦୦.୦୦ |
| ୬. ଦେଶାନ୍ତରରେ କଳିଙ୍ଗ : ଦକ୍ଷିଣ-ପୂର୍ବ ଏସିଆରେ ଓଡ଼ିଆ ସଂସ୍କୃତି | ମୂଳ ରଚନା: ପତିତପାବନ ମିଶ୍ର; ଅନୁସୃଜନ: କାହ୍ନୁଚରଣ ପାଢ଼ୀ | ଟ ୩୦୦.୦୦ |
| ୭. ସ୍ୱାଧୀନତା ସଂଗ୍ରାମରେ ବଳିଦାନର ଗୌରବ ଗାଥା | ଅନୁବାଦ: ଏ. ସନ୍ତୋଷ କୁମାର ପାତ୍ର | ଟ ୩୦୦.୦୦ |
| ୮. ସ୍କନ୍ଦପୁରାଣରେ ଶ୍ରୀଜଗନ୍ନାଥ | ଲେ: ପ୍ରଫେସର ହରେକୃଷ୍ଣ ଶତପଥୀ | ଟ ୩୮୦.୦୦ |
| ୯. କର୍ମଯୋଗିନୀ ପୁଣ୍ୟ ଶ୍ଳୋକ ଦେବୀ ଅହଲ୍ୟାବାଈ | ଭାଷାନ୍ତର: ସୁରମା ପାଢ଼ୀ | ଟ ୯୫.୦୦ |
| ୧୦. ମାଦଳାପାଞ୍ଜିର ସାମଗ୍ରିକ ରୂପରେଖ | ସଂକଳନ ଓ ସଂପାଦନା: ସୁନୀଲ ରଥ ଓ ଭାସ୍କର ମିଶ୍ର | ଟ ୪୦୦.୦୦ |
| ୧୧. ପୁରୀବୋଲି | ଲେ: ସିଦ୍ଧେଶ୍ୱର ମହାପାତ୍ର | ଟ ୪୩୦.୦୦ |
| ୧୨. ସଂଗୀତ ସାଗର | ସଂକଳକ: ଦାମୋଦର ପଟ୍ଟନାୟକ | ଟ ୫୦୦.୦୦ |
| ୧୩. ଉତ୍କଳ ଗ୍ରାମ୍ୟଗୀତ ଓ କଥା | ସଂକଳନ: ଚକ୍ରଧର ମହାପାତ୍ର | ଟ ୪୦୦.୦୦ |
| ୧୪. ଓଡ଼ିଶାର ତନ୍ତ୍ର ସଂସ୍କୃତି | ସଂପାଦନା: କେଦାରନାଥ ଗବେଷଣା ପ୍ରତିଷ୍ଠାନ | ଟ ୩୦୦.୦୦ |
| ୧୫. ସାହିତ୍ୟ ଦର୍ପଣମ୍ | ମୂଳ ସଂସ୍କୃତ: ବିଶ୍ୱନାଥ କବିରାଜ; ଓଡ଼ିଆ ଅନୁବାଦ: ପଣ୍ଡିତ ନାରାୟଣ ମହାପାତ୍ର | ଟ୯୦୦.୦୦ |
| ୧୬. ବିଚିତ୍ର ରାମାୟଣ | ସଂପାଦନା: ସଚ୍ଚିଦାନନ୍ଦ ମିଶ୍ର | ଟ ୪୫୦.୦୦ |
| ୧୭. ରାମ ନାଟକ | ଲେ: ଲିଙ୍ଗରାଜ ନାହାକ | ଟ ୨୦୦.୦୦ |
| ୧୮. ଲଳିତା ପାଲା | ସଂପାଦନା: କଇଳାସ ପଟ୍ଟନାୟକ | ଟ ୬୦.୦୦ |
| ୧୯. ସମଲପୁରି ଓଡ଼ିଆ ଶବ୍ଦକୋଷ | ସଙ୍କଳକ: ପ୍ରଫୁଲ୍ଲ କୁମାର ତ୍ରିପାଠୀ | ଟ ୪୫୦.୦୦ |
| ୨୦. ସମ୍ବଲପୁର ଇତିହାସ | ଲେ: ଶିବ ପ୍ରସାଦ ଦାଶ | ଟ ୨୫୦.୦୦ |
| ୨୧. ଲୋକରତ୍ନ କୁଞ୍ଜବିହାରୀ ଦାଶ | ଲେ: ନରେନ୍ଦ୍ରନାଥ ମିଶ୍ର | ଟ ୧୫୦.୦୦ |
| ୨୨. ସର୍ବଦର୍ଶନ କୌମୁଦୀ (ସଂସ୍କୃତ) | ଲେ: ପଣ୍ଡିତ ଦାମୋଦର ମହାପାତ୍ର ଶାସ୍ତ୍ରୀ | ଟ ୨୫୦.୦୦ |
| ୨୩. ତ୍ରୈମାସିକ ମୁଖପତ୍ର କୋଣାର୍କ - ୨୧୪ ତମ ସଂଖ୍ୟା (ମନୋରଞ୍ଜନ ଦାସ ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି ବିଶେଷାଙ୍କ) | | ଟ ୧୫୦.୦୦ |
| ୨୪. ତ୍ରୈମାସିକ ମୁଖପତ୍ର କୋଣାର୍କ - ୨୧୬ ତମ ସଂଖ୍ୟା (ସାହିତ୍ୟିକ ଦୟାନିଧି ମିଶ୍ର ବିଶେଷାଙ୍କ) | | ଟ ୨୦୦.୦୦ |
| ୨୫. ତ୍ରୈମାସିକ ମୁଖପତ୍ର କୋଣାର୍କ- ୧୬୨ତମ ସଂଖ୍ୟା (ଗଙ୍ଗାଧର ମେହେର ବିଶେଷାଙ୍କ) | | ଟ ୨୨୦.୦୦ |
| ୨୬. ବିପ୍ଳବୀ ଧରଣୀଧର | ଲେ: ହଳଧର ପଣ୍ଡା | ଟ ୧୪୦.୦୦ |
| ୨୭. ମୃତ୍ୟୁଞ୍ଜୟ | ଅନୁବାଦ: ଗୌରହରି ପଣ୍ଡା | ଟ ୮୦୦.୦୦ |
| ୨୮. Baji Raut | Edited by: Sangram Jena | Rs 300.00 |
| ୨୯. Mahimandala Gita | Translated by: Jachindra Kumar Rout | Rs. 300.00 |
| ୩୦. Cherished Wrath | Translated by: Chittaranjan Mishra | Rs. 90.00 |

ଡକ୍ଟର ଚନ୍ଦ୍ରଶେଖର ହୋତା
ସଚିବ

୫୦୦/- ପର୍ଯ୍ୟନ୍ତ ମୂଲ୍ୟର ପୁସ୍ତକ ପାଇଁ - ୨୦%
୫୦୧/-ରୁ ୨୦୦୦/- ମୂଲ୍ୟର ପୁସ୍ତକ ପାଇଁ - ୩୦%
୨୦୦୧/-ରୁ ଊର୍ଦ୍ଧ୍ୱ ମୂଲ୍ୟର ପୁସ୍ତକ ପାଇଁ -୪୦%
୫୦୦୦/-ରୁ ଊର୍ଦ୍ଧ୍ୱ ମୂଲ୍ୟର ପୁସ୍ତକ ପାଇଁ -୫୦%

ପୁସ୍ତକ ବିକ୍ରୟ ଉପରେ ରିହାତି



ଗାନ୍ଧୀ ଜୟନ୍ତୀ ଅବସରରେ ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ଆମ ପଦକ୍ଷେପ

- ସହରକୁ ସମ୍ପୂର୍ଣ୍ଣ ରୂପେ ଟ୍ରାଫିକ୍ ନିୟନ୍ତ୍ରଣମୁକ୍ତ କରିବା ନିମନ୍ତେ ରାସ୍ତାକଡ଼ରେ ଥିବା ଉଠା ଦୋକାନୀମାନଙ୍କୁ ଭେଣ୍ଡିଂ ଯୋଜନା ମାଧ୍ୟମରେ ୪ଗୋଟି ନୂତନ ଭେଣ୍ଡିଂ ଜୋନ୍ ଓ ପିଣ୍ଡି ନିର୍ମାଣ କରାଯାଇ ଥଇଥାନ କରାଯିବା ପାଇଁ ପ୍ରୟାସ ।
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଯୋଜନାରେ ସହରର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ ।
- ସହଯୋଗ ଯୋଜନାରେ ସମସ୍ତ ସରକାରୀ ଯୋଜନାର ଉପଯୋଗୀତା ଓ ସହଭାଗୀତା ହେବା ନିମନ୍ତେ ସହରର ସମସ୍ତ ଜନସାଧାରଣଙ୍କୁ ସଚେତନତା କରାଇବା ନିମନ୍ତେ ପ୍ରୟାସ ।
- ଖୋରଧା ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ।

ପୌରବାସୀଙ୍କୁ ଅନୁରୋଧ

- ଆସନ୍ତୁ ଏକ ଶାନ୍ତ, ସମୃଦ୍ଧ, ବିକଶିତ ଓ ସୌହାର୍ଦ୍ଦ ପୂର୍ଣ୍ଣ ଖୋରଧା ଗଢିବା ।
- ନିର୍ଦ୍ଧାରିତ ସମୟରେ ପରିଷଦର ସମସ୍ତ ଟିକସ ଦାଖଲ କରି ସହରର ଉନ୍ନତିରେ ସହାୟକ ହୁଅନ୍ତୁ ।
- ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
- ପଲିଥିନ୍ ମୁକ୍ତ ଖୋରଧା ସହର କରିବା ପାଇଁ ପ୍ରୟାସ ଜାରି ରଖନ୍ତୁ ।
- ହର ଘର ସ୍ୱଚ୍ଛତା ସମୂହ ସଫେଇ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ ।
- ଆସନ୍ତୁ ଖୋରଧା ସହରକୁ ସବୁଜ ସ୍ୱଚ୍ଛ ରୂପେ ଗଢିତୋଳିବା ।

ରିଜ୍‌ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା

OIPR: 13082/11/0044/2526

## ଶାରଦୀୟ ଅଭିନନ୍ଦନ

ଶାରଦୀୟ ଦୁର୍ଗା ପୂଜା ଅବସରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା ଜଗତ୍‌ଜନନୀ ସମସ୍ତଙ୍କୁ ଶକ୍ତି ଓ ଶାନ୍ତି ପ୍ରଦାନ କରନ୍ତୁ, ଏତିକି କାମନା...

ତ୍ରିଦିବ କୁମାର ନାୟକ

ସମାଜସେବୀ ଓ ବରିଷ୍ଠ ଆଇନଜୀବୀ

ଧନ୍ୟବାଦ
ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଜି.ଏସ୍.ଟି ଦର କମ୍ କରି ଦେଶବାସୀଙ୍କ ମୁହଁରେ ହସ ଫୁଟାଇଥିବାରୁ .....

ଶାରଦୀୟ ଅଭିନନ୍ଦନ

ଜଗତ ଜନନୀ ମା' ଦୁର୍ଗା ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଭରିଦିଅନ୍ତୁ ଏତିକି ମା'ଙ୍କ ନିକଟରେ ପ୍ରାର୍ଥନା

ଗୋବିନ୍ଦ ଚନ୍ଦ୍ର ଦାସ
ସରକାରୀ ଉପମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା ତଥା ବିଧାୟକ, ରେମୁଣା

ଭାରତୀୟ ଜନତା ପାର୍ଟି, ରେମୁଣା, ବାଲେଶ୍ୱର

## ଶାରଦୀୟ ଅଭିନନ୍ଦନ

ଦଶହରା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ଶାରଦୀୟ ପୂଜା ଅବସରରେ ମା' ଜଗତଜନନୀ ଦୁର୍ଗା ସମସ୍ତଙ୍କ ଜୀବନରୁ ଦୁଃଖ କଷ୍ଟ ଦୂରକରି ସର୍ବିଙ୍କ ମନରେ ଭରିଦିଅନ୍ତୁ ସୁଖ, ଶାନ୍ତି ଓ ଆନନ୍ଦ, ଏତିକି କାମନା ।

ଉମାକାନ୍ତ ମହାପାତ୍ର

ପୂର୍ବତନ ଜିଲ୍ଲା ବିଜେପି ସଭାପତି, ବାଲେଶ୍ୱର

## ଶାରଦୀୟ ଅଭିନନ୍ଦନ

KAMDHENU PAINTS
GAUR BILAS MISHRA
Mob. : 9861118723
Authorised Dealer :
ASHA TRADE POINT
Mirza Pokhari Lane, Balasore, Odisha-756001

ପବିତ୍ର ଦୁର୍ଗା ପୂଜା ଓ କାଳୀ ପୂଜା ଉପଲକ୍ଷେ ବାଲେଶ୍ୱରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଗୌର ବିଳାସ ମିଶ୍ର

ସମାଜସେବୀ, ବାଲେଶ୍ୱର

ପବିତ୍ର ଦୁର୍ଗାପୂଜାରେ ମୋ ବାଲେଶ୍ୱରବାସୀ ତଥା ସମସ୍ତ ଓଡିଶାବାସୀଙ୍କୁ ଶାରଦୀୟ ଅଭିନନ୍ଦନ। ଜଗତଜନନୀ ମା' ଦୁର୍ଗା ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ।

ଶ୍ରୀମତୀ ବସନ୍ତଲତା ପଟ୍ଟନାୟକ

ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ
ପ୍ରତିମା ସେବା ସଦନ, ବାଲେଶ୍ୱର

## ଶାରଦୀୟ ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଓ କାଳିପୂଜା ଅବସରରେ ବାଲେଶ୍ୱର ଓ ବାରବାଟୀର ସମସ୍ତ ଭାଇ ଭଉଣୀ ଓ ଗୁରୁଜନମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ଏହି ଶାରଦୀୟ ପୂଜା ଅବସରରେ ମା' ସମସ୍ତଙ୍କ ଦୁଃଖ କଷ୍ଟକୁ ଦୂର କରି ସର୍ବିଙ୍କୁ ମନରେ ଭରିଦିଅନ୍ତୁ ସୁଖ ଓ ଆନନ୍ଦ ଏତିକି କାମନା।

ଶ୍ରୀମତୀ ଅପର୍ଣ୍ଣା କର

କଂଗ୍ରେସ ନେତ୍ରୀ

ସମାଜସେବୀ, ବାରବାଟି, ବାଲେଶ୍ୱର

## ଶାରଦୀୟ ଅଭିନନ୍ଦନ

ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କର ଆଗମନ ପରିପ୍ରେକ୍ଷୀରେ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ। ମା' ମଙ୍ଗଳମୟୀଙ୍କ କୃପାରୁ ସମସ୍ତଙ୍କର ଜୀବନ ହେଉ ମଙ୍ଗଳମୟ। ପୃଥିବୀରୁ ଦୁଃଖକଷ୍ଟ ଦୂର ହୋଇ ବିରାଜମାନ କରୁ ଆନନ୍ଦର ଫଲଗୁ ଓ ଉଲ୍ଲାସ। ଏତିକି ହିଁ ମା'ଙ୍କ ନିକଟରେ କାମନା।

ନାରାୟଣ ପ୍ରଧାନ

ଅଧ୍ୟକ୍ଷ ଜିଲ୍ଲା ପରିଷଦ, ବାଲେଶ୍ୱର

## ଶାରଦୀୟ ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଓ କାଳୀପୂଜା ଉପଲକ୍ଷେ ବାଲେଶ୍ୱରର ସମସ୍ତ ତଥା ମ୍ୟୁନିସପାଲିଟିର ୨୫ ନମ୍ବର ୱାର୍ଡର ସମସ୍ତ ଭାଇ ଭଉଣୀ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ।

ଶ୍ରୀ ନିତ୍ୟ ଗୋପାଳ ସିଂ

ବାଲେଶ୍ୱର ୨୫ ନମ୍ବର ୱାର୍ଡର ବିଜେପି କାଉନସିଲର, ବାଲେଶ୍ୱର

## ଶାରଦୀୟ ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା' ଜଗତ୍‌ଜନନୀ ସମସ୍ତଙ୍କର ଦୁଃଖ କଷ୍ଟକୁ ଦୂରକରି ସର୍ବିଙ୍କ ମନରେ ଭରିଦିଅନ୍ତୁ ସୁଖ ଓ ଆନନ୍ଦ, ଏତିକି ମାତ୍ର ପ୍ରାର୍ଥନା ।

ଡ. ଶିଶିର କୁମାର କର

ଶ୍ରୀକଣ୍ଠପୁର, ବାଲେଶ୍ୱର

## ଶାରଦୀୟ ଅଭିନନ୍ଦନ

ଶାରଦୀୟ ଦୁର୍ଗା ପୂଜା ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା' ଜଗତ୍‌ଜନନୀ ଦୁର୍ଗା ସମସ୍ତଙ୍କୁ ଶକ୍ତି ଓ ଶାନ୍ତି ପ୍ରଦାନ କରନ୍ତୁ, ଏତିକି କାମନା...

ପରେଶ ରାଯ୍ ମହାପାତ୍ର

ବରିଷ୍ଠ କବି
ରାଜମୁକୁନ୍ଦପୁର, ଭଦ୍ରକ

## ଶାରଦୀୟ ଅଭିନନ୍ଦନ

ସମସ୍ତ ଭାଇଭଉଣୀ ଓ ଗୁରୁଜନମାନଙ୍କୁ ପବିତ୍ର ଦୁର୍ଗାପୂଜା ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା' ଦୁର୍ଗା ସମସ୍ତଙ୍କ ଭିତରୁ ନାଶ କରିଦିଅନ୍ତୁ ଈର୍ଷା ଓ ଅସୂୟା, ଭରିଦିଅନ୍ତୁ ଆନନ୍ଦ ଓ ଶାନ୍ତି।

ସୁଧାଂଶୁ ଶେଖର ପରିଡ଼ା

ପୂର୍ବତନ ବିଧାୟକ, ରେମୁଣା,ବାଲେଶ୍ୱର




नालको NALCO
A Navratna CPSE under Ministry of Mines
Government of India
Nalco Bhawan, Nayapalli, Bhubaneswar-751013, India
www.nalcoindia.com
Follow us on: nalcoindia NALCO_India nalco_india nalco_India nalcoindia

ଶାରଦୀୟ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ଉପଲକ୍ଷେ ବେତନଟୀ ଅଞ୍ଚଳବାସୀଙ୍କୁ ମୋର ଆନ୍ତରିକତାର ସହ ଶୁଭେଚ୍ଛା ଓ ଶୁଭକାମନା

ରାମେଶ୍ୱର ମିଶ୍ର ( ଟିକି ନନା )

ବିଶିଷ୍ଟ ସମାଜ ସେବୀ (ବେତନଟୀ)

ଶାରଦୀୟ ଅଭିନନ୍ଦନ

ଶାରଦୀୟ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ଉପଲକ୍ଷେ ବେତନଟୀ ମଣ୍ଡଳର ସମସ୍ତ ଗୁରୁଜନ ଭାଇ ଓ ଭଉଣୀ ମାନଙ୍କୁ

ଶୁଭେଚ୍ଛା ଓ ଶୁଭକାମନା

ଜୀବନ ପରିଡ଼ା
ସଭାପତି, ବେତନଟୀ ମଣ୍ଡଳ

ଭାରତୀୟ ଜନତା ପାର୍ଟି, ବେତନଟୀ, ମୟୂରଭଞ୍ଜ

## ଶାରଦୀୟ ଅଭିନନ୍ଦନ

ଶାରଦୀୟ ପୂଜା ଅବସରରେ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ। ପାର୍ବଣର ଆଗମନରେ ମା' ସବୁରି ମନରେ ଭରିଦିଅନ୍ତୁ ଆନନ୍ଦ ଓ ଉଲ୍ଲାସ। ସମସ୍ତଙ୍କ ଜୀବନ ହେଉ ସରସ ସୁନ୍ଦର, ଏତିକି ମା'ଙ୍କ ପାଖରେ ପ୍ରାର୍ଥନା।

ସଂଜୀବ୍ ଜେନା

ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ, ବେତନଟୀ ମଣ୍ଡଳ



❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida